visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.252, Bhubaneswar Monday, November 18, 2019 | ୨୨ତମ ବର୍ଷ ସଂଖ୍ୟା-୨୫୨ ଭୁବନେଶ୍ୱର ସୋମବାର, ନଭେମ୍ବର ୧୮, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹.50 (Air Surcharge - 0.50P) Member-INS

## ଜମି ବିବାଦକୁ କେନ୍ଦ୍ର କରି ନିର୍ମମ ହତ୍ୟା

କନ୍ଧମାଳ, (ପିଏନ):- ଜମି ବିବାଦକୁ କେନ୍ଦ୍ର କରି କନ୍ଧମାଳ ଜିଲ୍ଲା ସାରଙ୍ଗଡ଼ ଥାନା ଅନ୍ତର୍ଗତ ପିପଳପଙ୍ଗା ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ଗାଁ ଦାଣ୍ଡରେ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ସମ୍ପୃକ୍ତ ବ୍ୟକ୍ତିଙ୍କ ତଂଟି ଉପରେ ଗୋଡ ପକାଇ ଅତ୍ୟନ୍ତ ଦୟନୀୟ ଭାବେ ହତ୍ୟା କରାଯାଇଛି । ମୃତକ ହେଲେ ଯୋଗେଶ୍ୱର ପ୍ରଧାନ (୫୫) । ଏନେଇ ମୃତ ବ୍ୟକ୍ତିଙ୍କ ପୁଅ ସମିଳନ ପ୍ରଧାନ ସାରଙ୍ଗଡ଼ ଥାନାରେ ଏତଲା କରିଛନ୍ତି । ଏତଲାକୁ ଭିତି କରି ପୋଲିସ ଘଟଣାସ୍ଥଳରେ ପହଂଚି ମୃତକଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜ୍ଜୁ କରି ତଦନ୍ତ ଚଳାଇଛି ।

ଅଭିଯୋଗ ଅନୁସାରେ, ଗତକାଲି ରାତିରେ ଯୋଗେଶ୍ୱର ନିଜ ଦାଣ୍ଡ ପିଣ୍ଡାରେ ବସିଥିଲେ । ଏହି ସମୟରେ ହଠାତ୍ ଗାଁର ନୋଜାର ପ୍ରଧାନ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ମାରପିଟ୍ କରିଥିଲେ । ଫଳରେ ଯୋଗେଶ୍ୱର ତଳେ ପଡିଯାଇଥିଲେ । ନୋଜାର ତାଙ୍କ ବେକ ଉପରେ ଗୋଡ ପକାଇ ଚାପି ଦେଇଥିଲା । ଫଳରେ ଘଟଣାସ୍ଥଳରେ ଯୋଗେଶ୍ୱରଙ୍କ ମୃତ୍ୟୁ ହୋଇଥିଲା । ଏହି ସମୟରେ ଯୋଗେଶ୍ୱରଙ୍କ ପତ୍ନୀ ଘରୁ ବାହାରକୁ ବାହାରି ଆସି ଚିତ୍କାର କରିବାରୁ ଅଭିଯୁକ୍ତ ସେଠାରୁ ଫେରାର୍ ହୋଇଯାଇଥିଲା । ଏନେଇ ମୃତ ଯୋଗେଶ୍ୱରଙ୍କ ପୁଅ ସମିଳନ ସାରଙ୍ଗଡ଼ ଥାନାରେ ଏତଲା କରିଛନ୍ତି । ଜମି ବିବାଦକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଦୀର୍ଘ ବର୍ଷ ଧରି ଲାଗି ରହିଥିବା ବିବାଦକୁ କେନ୍ଦ୍ର କରି ଅଭିଯୁକ୍ତ ଯୋଜନାବଦ୍ଧ ଭାବେ ତାଙ୍କ ବାପାଙ୍କୁ ହତ୍ୟା କରିଥିବା ସେ ଏତଲାରେ ଦର୍ଶାଇଛନ୍ତି । ତେବେ ଅଭିଯୁକ୍ତକୁ ବର୍ତ୍ତମାନ ସୁଦ୍ଧା ପୋଲିସ ଗିରଫ କରିପାରିନଥିବା ସୂଚନା ମିଳିଛି ।

## ହରିଶ୍ଚନ୍ଦ୍ର ବକ୍ସିପାତ୍ର ଓ ଗୌରୀଶଙ୍କର ରାୟଙ୍କ ସ୍ମୃତିଚାରଣ

ଭୁବନେଶ୍ୱର,(ପିଏନ):- ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ତରଫରୁ ବିଶିଷ୍ଟ ଶିକ୍ଷାବିତ୍, ରାଜନୀତିଜ୍ଞ, ସାମ୍ୟବାଦୀ ବ୍ୟକ୍ତିତ୍ୱ, ପ୍ରାକ୍ତନ ମନ୍ତ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୟନ୍ତୀ ଅବସରରେ ନୂଆପଲ୍ଲୀସ୍ଥିତ ତାଙ୍କ ବାସଭବନରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହେବା ସହିତ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ମତବ୍ୟକ୍ତ କରିଥିଲେ ଯେ, ସ୍ୱର୍ଗତ ବକ୍ସିପାତ୍ର ଥିଲେ ପ୍ରକୃତରେ ଜଣେ ସମାଜସେବୀ, ବିଶିଷ୍ଟ ରାଜନୀତିଜ୍ଞ,ଲେଖକ ତଥା ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ। ତାଙ୍କ ଆଦର୍ଶରେ ଯୁବପିଢୀ ଅନୁପ୍ରାଣିତ ହେବାକୁ ଶ୍ରୀ ଶତପଥୀ ଆହ୍ୱାନ ଦେଇଥିଲେ।

ସେହିପରି ପିଏମ୍‌ଜି ଛକଠାରେ ସାମ୍ବାଦିକ ଜଗତର ପିତାମହ, ବିଶିଷ୍ଟ ସାହିତ୍ୟିକ, କର୍ମବୀର ଗୌରୀଶଙ୍କର ରାୟଙ୍କ ପ୍ରତିମୂର୍ତ୍ତିଠାରେ ପୁଷ୍ପମାଲ୍ୟ ଅର୍ପଣ ସହ ଚତୁଃପାର୍ଶ୍ୱ ସଫେଇ କାର୍ଯ୍ୟ କରାଯାଇଥିଲା। ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଯେଉଁ ସବୁ ଗୁଣଗୁଡ଼ିକ ଆବଶ୍ୟକ ଥାଏ ତାହାର ପୂର୍ଣ୍ଣ ଗନ୍ତାଘର ଥିଲେ ସ୍ୱର୍ଗତ ଗୌରଶଙ୍କର। ତାଙ୍କର ଆଦର୍ଶରେ ଆଜିର ଯୁବପୀଢି ଓ ଅନ୍ୟାନ୍ୟ ବର୍ଗର ବ୍ୟକ୍ତିତ୍ୱମାନେ ଅନୁପ୍ରାଣିତ ହେଲେ ଏକ ଉତ୍ତମ, ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ସେ କହିଥିଲେ।

ଏହି ଅଭିଯାନରେ ଆବାହକ କିଶନ ବରାଇ ଓ ଯୁଗ୍ମ ସଂଯୋଜକ ନାରାୟଣ ଚନ୍ଦ୍ର ଓଝାଙ୍କ ସମେତ ସୀତାବଲ୍ଲଭ ମହାପାତ୍ର, ମନ୍‌ଜିତ କୌର, ଜ୍ଞାନେନ୍ଦ୍ର ପଲେଇ, ଚନ୍ଦ୍ରଭାନୁ କର ନାରାୟଣ ଖୁଂଟିଆ ଓ ତନ୍ମୟ ସାମନ୍ତରାୟ ପ୍ରମୁଖ ସାମିଲ ହୋଇଥିଲେ।



ଆମେରିକାର ପ୍ରତିରକ୍ଷା ସଚିବଙ୍କ ସହ କରମର୍ଦ୍ଦନ କରୁଛନ୍ତି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ

# ଷଷ୍ଠ ଜାତୀୟ ସମ୍ମିଳନୀରେ ଓଡିଶାର ସ୍ୱାସ୍ଥ୍ୟସେବା ଉଚ୍ଚ ପ୍ରଶଂସିତ

ଭୁବନେଶ୍ୱର,(ପିଏନ): ଓଡିଶାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଜାତୀୟ ସ୍ତରରେ ଭୁରି ଭୁରି ପ୍ରଶଂସା କରାଯାଇଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ଓ ଅଭିନବ ପଦକ୍ଷେପ ସଂକ୍ରାନ୍ତରେ ଗୁଜୁରାଟର ଗାନ୍ଧୀନଗର ଠାରେ ଆୟୋଜିତ ଷଷ୍ଠ ଜାତୀୟ ସମ୍ମିଳନୀରେ ଏଭଳି ପ୍ରଶଂସା ମିଳିବା ସହିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ) ରାଜ୍ୟର ସବୁଠାରୁ ଉତ୍ତମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବୋଲି ଦର୍ଶାଯାଇଛି । ଗତ କାଲିଠାରୁ ଆରମ୍ଭ ହୋଇଥିବା ତିନି ଦିନିଆ ଏହି ଜାତୀୟ ଶିବିରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ସମସ୍ତ ଅଭିନବ ପଦକ୍ଷେପ ଓ ତାହାର ସଫଳତା ଉପସ୍ଥାପନ କରିଛନ୍ତି । ବୈଠକରେ ଶ୍ରୀମତୀ ପଣ୍ଡିତ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଏସକେୱାଇର କାର୍ଯ୍ୟକାରିତା ଏବଂ ମୋ ସରକାର ମାଧ୍ୟମରେ ରୋଗୀ ସନ୍ତୁଷ୍ଟିକରଣ ସମ୍ପର୍କରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ ।

ଏହି ଅବସରରେ ଶ୍ରୀମତୀ ପଣ୍ଡିତ ଜାତୀୟ ସ୍ୱାସ୍ଥ୍ୟ ନୀତି - ୨୦୧୭ ଅନୁଯାୟୀ ସଷ୍ଟେନେବୁଲ ଡେଭଲପମେଂଟ ଗୋଲ୍ (ଏସଡିଜି) ଅନୁଯାୟୀ ପ୍ରତ୍ୟେକ ରାଜ୍ୟ ସାର୍ବଜନନୀ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା କଥା । ମାନବସମ୍ବଳ, ଭିତିଭୂମି ଓ ରୋଗୀଙ୍କ ହାତରୁ ଅର୍ଥ ବ୍ୟୟ ଭଳି ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ ଓଡିଶା ଏହି ସଫଳତା ପାଇପାରିଛି । ଏଥିପାଇଁ ଓଡିଶା ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବହୁବିଧ ଅଭିନବ ପଦକ୍ଷେପ ଗ୍ରହଣ କରି ଏହି ଲକ୍ଷ୍ୟ ହାସଲ ଦିଗରେ ଆଗେଇ ଚାଲିଛନ୍ତି । ଡାକ୍ତର ଅଭାବ ଜନିତ ସମସ୍ୟାର ମୁକାବିଲା ପାଇଁ ସରକାର ସେମାନଙ୍କ ପାଇଁ ବିଭିନ୍ନ ଆର୍ଥିକ ପ୍ରୋତ୍ସାହନ ବ୍ୟବସ୍ଥା ଆରମ୍ଭ କରି ଦୁର୍ଗମ ଅଂଚଳ ଚିହ୍ନଟ, ଆନୁଷ୍ଠାନିକ ପ୍ରସବ ହାର ବୃଦ୍ଧି, ବାଇକ ଓ ବୋଟ୍ ଆମ୍ବୁଲାନ୍ସ, ଭ୍ରାମ୍ୟମାଣ ପ୍ରସୂତୀ ଯାନ ଠାରୁ ଆରମ୍ଭ କରି ପ୍ରସୂତୀ ଗୃହ, ଯାତାୟତ ଖର୍ଚ୍ଚ ଆଦି ବିଭିନ୍ନ ଅଭିନବ ଗ୍ରହଣ କରିଛନ୍ତି । ଲୋକଙ୍କୁ ଘରୋଇ ଚିକିତ୍ସାଳୟରେ ଉନ୍ନତମାନର ସେବା ଯୋଗାଇ ଦେବାପାଇଁ ୧୯୭ଟି ଘରୋଇ ହସ୍ପିଟାଲ ସହିତ ରାଜ୍ୟ ସରକାର ଅନୁବନ୍ଧିତ ହୋଇଛନ୍ତି । ରାଜ୍ୟର ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନମାନଙ୍କରେ ମାଗଣାରେ ରୋଗ ନିରୂପଣ ଠାରୁ ଆରମ୍ଭକରି ଜଟିଳ ରୋଗର ଚିକିତ୍ସା ଓ ବିନାମୂଲ୍ୟରେ ଔଷଧ ଯୋଗାଣ, ଡାଏଲିସିସ୍, କେମୋଥେରାପି ଆଦି ବ୍ୟବସ୍ଥା କରାଯାଇଛି । ୭୦ଲକ୍ଷ ପରିବାରକୁ ବିଏସକେୱାଇ ଯୋଜନାରେ ସାମିଲ କରାଯାଇଛି ।

ମୋ ସରକାର ଯୋଜନାରେ ରୋଗୀଙ୍କଠାରୁ ମତାମତ ଗ୍ରହଣ କରାଯାଇ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ଏଥି ସହିତ ହାଉସ କିପିଙ୍ଗ୍, ସଫା ସୁତୁରା, ଲଣ୍ଡ୍ରି, ନିରାପତା, ଲିଫ୍ଟ, ସହାୟକ, ସ୍ୱାସ୍ଥ୍ୟ ଅନୁଷ୍ଠାନର ସୌନ୍ଦର୍ଯ୍ୟକରଣ ଆଦି କ୍ଷେତ୍ରରେ ବହୁବିଧ ଉନ୍ନତି ଘଟିଛି । ଆହୁରି ମଧ୍ୟ ସ୍ୱାସ୍ଥ୍ୟ ଅନୁଷ୍ଠାନ ଗୁଡିକ କିଭଳି କାୟାକଳ୍ପ, ଲକ୍ଷ୍ୟ ଏବଂ ଏନକ୍ୟୁଏସ୍ ଆଦି ଜାତୀୟ ସ୍ତରର ପୁରସ୍କାର ପାଇପାରିବେ ସେ ଦିଗରେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ସ୍ୱାସ୍ଥ୍ୟ ପ୍ରଶାସନକୁ ଅଧିକ ଚଳ ଚଂଚଳ ଓ ସୁଦୃଢ କରିବାପାଇଁ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ ପାଇଁ ୫-ଟି ଲାଗୁ ହୋଇଛି । ମୋ ସରକାର ଓ ୫-ଟିର ସଫଳ କାର୍ଯ୍ୟକାରୀ କରୁଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ଲାଗି ପୁରସ୍କାର ବ୍ୟବସ୍ଥା କରାଯାଇଛି । ବର୍ଷକ ମଧ୍ୟରେ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନ ଗୁଡିକର ଓପିଡି ଓ ଆଇପିଡିରେ ୩୩ ପ୍ରତିଶତ ରୋଗୀସଂଖ୍ୟା ବୃଦ୍ଧି ପାଇ ୬କୋଟି ୭୦ଲକ୍ଷକୁ ଟପିଯାଇଛି । ଏମାନଙ୍କୁ ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାରେ ମାଗଣା ଚିକିତ୍ସାସେବା ଯୋଗାଇ ଦିଆଯାଇଛି । କେବିକେ ଏବଂ କେବିକେ ପ୍ଲସ ଜିଲ୍ଲା ଗୁଡିକରେ ଖାଲିଥିବା ଡାକ୍ତର ପଦବୀ ମଧ୍ୟରୁ ୪୪% ପୂରଣ ହୋଇପାରିଛି ।

## ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜଙ୍କୁ ଅଧିକ ଦାୟିତ୍ୱ



ଭୁବନେଶ୍ୱର(ପିଏନ): ରାଜ୍ୟ ସରକାରଙ୍କ ଗଣମାଧ୍ୟମ ଓ ଲୋକସଂପର୍କ ପରାମର୍ଶଦାତା ମାନସ ରଞ୍ଜନ ମଙ୍ଗରାଜଙ୍କ ଉପରେ ପୁଣି ଆସ୍ଥା ପ୍ରକଟ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ତାଙ୍କ ଦକ୍ଷତା ଓ ନିଷ୍ଠା ଉପରେ ଭରସା ରଖି ମୁଖ୍ୟମନ୍ତ୍ରୀ ତାଙ୍କୁ ଅଧିକ ଗୁରୁ ଦାୟିତ୍ୱ ଦେଇଛନ୍ତି । ଏଣିକି ଶ୍ରୀ ମଙ୍ଗରାଜ ରାଜ୍ୟର ସମସ୍ତ ବୈଦ୍ୟୁତିକ ଓ ମୁଦ୍ରିତ ଗଣମାଧ୍ୟମର ବିଜ୍ଞାପନ ସଂପର୍କିତ ଚୂଡାନ୍ତ ନିଷ୍ପତ୍ତି ନେବେ । ଏହାଛଡା ସାମ୍ବାଦିକମାନଙ୍କ କଲ୍ୟାଣ ସଂପର୍କରେ ସରକାର କିପରି ଉଚିତ୍ ପଦକ୍ଷେପ ନେବେ ସେ ସଂପର୍କରେ ଶ୍ରୀ ମଙ୍ଗରାଜ ନିଷ୍ପତ୍ତି ନେବା ସହ ସରକାରଙ୍କୁ ସୁପାରିସ ମଧ୍ୟ କରିବେ । ଆଗକୁ ସାମ୍ବାଦିକମାନଙ୍କ ସମସ୍ୟା ଓ ଏହାର ସମାଧାନ ଦିଗରେ କି ପଦକ୍ଷେପ ନେଇହେବ ସେ ତା'ର ବ୍ଲୁପ୍ରିଣ୍ଟ ମଧ୍ୟ ପ୍ରସ୍ତୁତ କରିବେ । ରାଜ୍ୟ ସୂଚନା ଏବଂ ଲୋକ ସଂପର୍କ ବିଭାଗର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଶ୍ରୀ ମଙ୍ଗରାଜ ସମ୍ମାନିତ ଅତିଥି ଭାବେ ଯୋଗଦେବେ । ଶ୍ରୀ ମଙ୍ଗରାଜ ନିଜ ମୂଳ ଦାୟିତ୍ୱ ସହ ଏହି ଅତିରିକ୍ତ ଦାୟିତ୍ୱ ସ୍ୱତନ୍ତ୍ର ଭାବେ ସମ୍ଭାଳିବେ ।

**ସରକାରୀ ବିଜ୍ଞାପନ, ସାମ୍ବାଦିକ କଲ୍ୟାଣ କଥା ବୁଝିବେ**

# ଶାନ୍ତି ପାଇଁ ସେବା ଆବଶ୍ୟକ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, (ପିଏନ):** ଶାନ୍ତି ପାଇବାକୁ ହେଲେ ସେବା କରିବାର ଆବଶ୍ୟକତା ରହିଛି। ଏହି ଶାନ୍ତି ପାଇବା ହେଉଛି ସମସ୍ତର ବଡ ଲକ୍ଷ୍ୟ। ଏଥିପାଇଁ ଆମେ ସବୁବେଳେ ଉଦ୍ୟମ କରୁଛେ। ସତ୍ ମାର୍ଗରେ ଯିବା , ଅନ୍ୟକୁ ଭଲ ପାଇବା , ସତସଙ୍ଗ କଲେ ଶାନ୍ତି ମିଳିଥାଏ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସୁଧା ସର୍ଜନା ମହୋତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସେ ଆହୁରି କହିଥିଲେ ଯେ ଅନ୍ୟକୁ ସମ୍ମାନ ଦେବା ଉପରେ ଆମେ ଗୁରୁତ୍ୱ ଦେବ ଦରକାର ।ସତ୍ୟ ,ସେବା ଓ ଭଲ ପାଇବା ଜରିଆରେ ହିଁ ଆମେ ଶାନ୍ତି ପାଇପାରିବା। ଏହା ହେଉଛି ସବୁ ଧର୍ମ , ସବୁ ବିଶ୍ୱାସର ଆଧାର। ଓଡିଶାରେ ଶ୍ରୀ ଶ୍ରୀ ଠାକୁରଙ୍କର ଭକ୍ତମାନଙ୍କର ବଡ ସଂଗଠନ ରହିଛି। ଏହି ସଂଗଠନ ବହୁତ ଭଲ କାମ କରୁଛି। ଏହାକୁ ଜାରୀ ରଖନ୍ତୁ। ସମାଜ ଆମକୁ ବହୁତ ଦେଇଛି, ଆମେ ଯଦି ସମାଜକୁ କିଛି ଦେଇ ପାରିବ ତାହା ହିଁ ଭଗବାନଙ୍କ ଶ୍ରେଷ୍ଠ ପୂଜା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଓ ବିଧାୟକ ଦେବୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରାଉରକେଲା ସହରରେ ପାଗଳା କୁକୁର ଆତଙ୍କ : ଜଣେ ମୃତ, ଗାଈ ଜଗୁଛନ୍ତି ଟ୍ରାଫିକ

ରାଉରକେଲା,(ପିଏନ): ରାଉରକେଲା ସହରରେ ଗତ ଦୁଇଦିନ ଧରି ପାଗଳା କୁକୁରଙ୍କ ଆତଙ୍କ ରାଜ ଚାଲିଥିବା ବେଳେ ଜଣେ ଛାତ୍ରୀଙ୍କର କୁକୁର କାମୁଡାରେ ମୃତ୍ୟୁ ଘଟିଛି ।ସେ ହେଲେ ପାନପୋଷ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ସରସ୍ୱତୀ ମିଂଜ ।ସେହି ଭଳି ଏବେ ଗୋରୁ ଗାଇ ସଂଧ୍ୟା ହେଲେ ସହରର ରାସ୍ତା ଗୁଡିକରେ ଟ୍ରାଫିକ ନିୟନ୍ତ୍ରଣ କରୁଥିବା ମଧ ଦେଖାଉଛି ।

ଗତକାଲି ଡେଲି ମାର୍କେଟ ଅଂଚଳରେ ପ୍ରଥମେ ଏକ ପାଗଳା କୁକୁର ଜଣକୁ କାମୁଡିବା ପରେ ପୁଣି ଅଳ୍ପ ଦୁରରେ ୨ଜଣଙ୍କୁ କାମୁଡି ଥିଲା । ସେମାନେ ଜଣକ ପରେ ଜଣେ ସରକାରୀ ଡାକ୍ତରଖାନାରୁ ଟୀକା ନେଇ ଫେରିବା ପରେ କିଛି ମିଡିଆ ୭୦ଜଣ ଓ ୨୫ ଜଣଙ୍କୁ ପାଗଳା କୁକୁର କାମୁଡିବା ଖବର ଦେବାରୁ ସହରରେ କୁକୁର ମାନଙ୍କୁ ଲୋକେ ଦେଖିବା କ୍ଷଣି ଭୟରେ ଘରେ ପସିଯାଉଛନ୍ତି । ସେପଟେ ଛାତ୍ରୀ ସରସ୍ୱତୀ ଶିଶୁ ଦିବସରେ ମୃତ୍ୟୁବରଣ କରିବା ଘଟଣା ସହରରେ ଆଲୋଡନ ଶୃଷ୍ଟି କରିଛି ।ବର୍ତମାନ ଶୁଦ୍ଧା ସରକାରୀ ଭାବେ କେତେ ଲୋକଙ୍କୁ ପାଗଳା କୁକୁର କାମୁଡିଛି ତାହା କୁହା ଯାଇ ନଥିଲେ ବି ଜଣେ ସାମ୍ବାଦିକ ଙ୍କ ବସା ଉଠା ଯାଗାରେ ଏହି କୁକୁର ୩ଜଣଙ୍କୁ କାମୁଡି ନିଶ୍ଚୟ ଏହାକୁ ବଡ ଆକାର ଦେବାରେ ସାହାଜ୍ୟ କରିଛି ବୋଲି ଆଲୋଚନା ଚାଲିଛି । ବଡ ମିଡିଆ ହୁଅନ୍ତୁ ବା ଛୋଟ ମିଡିଆ ସବୁବେଳେ ଖବର ଦେବା ସମୟରେ ନିଜର ଦାୟିତ୍ୱ ବୋଧକୁ ଲକ୍ଷ ରଖି ଖବର ଦେବା ଉଚିତ । ମାତ୍ର ଗତକାଲି ଜାତୀୟପ୍ରେସ ଦିବସରେ ଏକଥା କିଛି ମିଡିଆ ନିଶ୍ଚୟ ଭୁଲିଯାଇ ଲୋକଙ୍କ ଭିତରେ କୋକୁଆ ଭୟ ସୃଷ୍ଟି କରିଛନ୍ତି କହିଲେ ଅତ୍ୟକ୍ତି ହେବ ନାହିଁ। ତେବେ ସେ ଯାହା ହେଉନା କାହିଁକି ସହରରେ ବର୍ତ୍ତମାନ ବୁଲା କୁକୁରଙ୍କ ସଂଖ୍ୟା ଅନେକ ପରିମାଣରେ ବଢିଛି । ପ୍ରତି କଲୋନୀ ,ଛକ ରେ ଏମାନେ ଦଳ ଦଳ ହୋଇ ବୁଲୁଛନ୍ତି । ବାହ୍ୟ ମଳତ୍ୟାଗକୁ ଏମାନେ ଗ୍ରହଣ କରି ପାଗଳ ହେଉଥିବା ବିଷୟ କେତେକ ପୁରାତନ ବ୍ୟକ୍ତି ମତ ଦେଉଥିବାବେଳେ ଏମାନଙ୍କୁ ନିୟନ୍ତ୍ରଣ କରିବ କିଏ ବୋଲି ପ୍ରଶ୍ନ ହେଉଛି । ମହାନଗର କହୁଛି ଏହା ଭେଟନାରୀ ବିଭାଗର ଦାୟିତ୍ୱ ,ଭେଟନାରୀ କହୁଛି ଏହା ମହାନଗର ର ଦାୟିତ୍ୱ । କେହି କାହା କଥା ଶୁଣିବାକୁ ନାରାଜ ।ଏହାରି ଭିତରେ ଲୋକେ ଏହି କୁକୁର ମାନଙ୍କର ଶୀକାର ହେବା ଆରମ୍ଭ ହୋଇଛି । ସେହି ଭଳି ସହରର ରିଂ ରୋଡ ଠାରୁ ଛେଣ୍ଡ କଲୋନୀ,ବାସନ୍ତୀ କଲୋନୀ, କୋଏଲ ନଗର ଅଂଚଳରେ ଥିବା ମୁଖ୍ୟ ରାସ୍ତା ଗୁଡିକରେ ଗାଇ ଗୋରୁ ମାନେ ଶୋଇରହିବା ସହ ରାସ୍ତା ସାରା ଗୋବରମୟ କରୁଛନ୍ତି ।ଏହା ଦ୍ୱରା ଦୁଇଚକିଆ ଗାଡିଚାଳକ ମାନେ ଦୁର୍ଘଟଣାର ଶୀକାର ହୋଇଚାଲିଛନ୍ତି ।ମଝିରେ ଗୋଟିଏ ଦିନ ମହାନଗର ଗାଡି ଛେଣ୍ଡରେ ବୁଲି ୨ଟି ଗାଇଙ୍କୁ ନେଇଥିବା ଦେଖା ଯାଇଥିଲା । ତାପରେ ସବୁ ବନ୍ଦ । ରାଉରକେଲା ମହାନଗରରେ ପ୍ରଶାସନିକ ବ୍ୟବସ୍ଥା ସଂପୁର୍ଣ ହୁଗୁଳାହୋଇ ଚାଲୁଥିବାରୁ ଜନସାଧାରଣ ଏଠାରୁ ଏସବୁ ସେବା ପାଇବା ସମ୍ଭବ ହେଉନଥିବା କୁହାଯାଉଛି ।

## ସାମ୍ବାଦିକ ସୁରକ୍ଷା ବିଲ୍ ବିଧାନସଭାରେ ଆଗତ ହେଉ

ଭୁବନେଶ୍ୱର,(ପିଏନ): ସାମ୍ବାଦିକ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରିବାକୁ ଦାବି କରିଛି ସାମ୍ବାଦିକ ମିଳିତ ମଂଚ। ଏହାକୁ ବିଧାନସଭାରେ ଆଗତ କରିବା ପାଇଁ ଆଜି ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ ବର୍ଗର ଶତାଧିକ ସାମ୍ବାଦିକ ଫରେଷ୍ଟ ପାର୍କରେ ଆଲୋଚନା କରିଥିଲେ। ଅନେକ ସମୟରେ ସାମ୍ବାଦିକମାନେ କର୍ତବ୍ୟ କରୁଥିବା ବେଳେ ଆକ୍ରମଣର ଶିକାର ହେଉଥିବା ନେଇ ଆଲୋଚନା ହୋଇଥିଲା। ଚଳିତ ବିଧାନ ସଭାରେ କିପରି ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରାଯିବ ଓ ଉକ୍ତ ବିଧେୟକ ଆଗତ ହେବ, ଏ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ବିଧେୟକ ପ୍ରସ୍ତୁତ ପାଇଁ ଏକ ଡ୍ରାଫ୍ଟ କରିବା ସହ ବିଭିନ୍ନ ବିଧାୟକ, ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରାଯିବ ବୋଲି ନିଷ୍ପତି ହୋଇଥିଲା। ବୈଠକ ପରେ ସାମ୍ବାଦିକମାନେ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ଲିଙ୍ଗରାଜ ସାହୁ, ରାମଚନ୍ଦ୍ର ପ୍ରସାଦ ରଣସିଂହ, ସୌଗନ ଶତପଥୀ, କାହ୍ନୁ ନାୟକ, ସୁବିର କୁମାର ପଣ୍ଡା, ଦିଲ୍ଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ଲଦାଖରେ ଦେଶରେ ପ୍ରଥମ ସ୍ୱତନ୍ତ୍ର ଶୀତକାଳୀନ-ଗ୍ରେଡ୍ ଡିଜେଲ୍ ଯୋଗାଣର ଶୁଭାରମ୍ଭ**

## ପାର୍ଲାମେଂଟରେ ଓଡିଶା ବିଧାନ ପରିଷଦ ପ୍ରସଙ୍ଗ ଉଠାଇବ ବିଜେଡି

ଭୁବନେଶ୍ୱର,(ପିଏନ):ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଯାଉଥିବା ସଂସଦର ଶୀତକାଳୀନ ଅଧିବେଶନରେ ବିଜେଡି ପକ୍ଷରୁ ଓଡିଶାରେ ବିଧାନ ପରିଷଦ ଗଠନ ନେଇ ଦାବି କରାଯିବ। ଏଥିରେ ମହିଳା , ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିବାପାଇଁ ବିଜେଡି ଦାବି ଉଠାଇବ। ଏହା ବ୍ୟତୀତ ମାଇନିଂ ଓ ମିନେରାଲ୍ ବିଲ୍ ଏବଂ ବିପର୍ଯ୍ୟୟ ମୁକାବିଲା ବିଲ୍ ଗୃହରେ ଉପସ୍ଥାପନ କରିବାପାଇଁ ଦାବି କରିବୁ ବୋଲି ସାଂସଦ ପିନାକୀ ମିଶ୍ର ପ୍ରକାଶ କରିଛନ୍ତି। ସଂସଦର ଅଧିବେଶନ ପୂର୍ବରୁ ରବିବାର ନୂଆଦିଲ୍ଲୀ ଠାରେ ଗୃହ ସୁପରିଚ୍ଳନା ନେଇ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଶ୍ରୀ ମିଶ୍ର କହିଥିଲେ ଯେ ଓଡିଶାର ପର୍ଯ୍ୟଟନ ଓ ବିମାନ ସେବାର ବିକାଶ , ପୋଲାଭରମ୍ , ସିବିଏସଇ ସ୍କୁଲ ଫି ବୃଦ୍ଧି ପ୍ରସଙ୍ଗକୁ ବିଜେଡି ସଂସଦରେ ଉଠାଇବ। ଭୁବନେଶ୍ୱରରୁ ଦୁବାଇ ସିଧାସଳଖ ବିମାନ ଉଡାଣ , ଆବାସ ଯୋଜନାରେ ଓଡିଶାକୁ ମିଳିବାକୁ ଥିବା ବକେୟା ସହାୟତା ପ୍ରଦାନ କରିବାକୁ ମଧ୍ୟ ଦାବି କରାଯିବ।

## ଡ୍ରେନ୍‌ରେ ବେଆଇନ ଅଳିଆ ପକାକୁ ଜଗିବ ବିଏମସି

ଭୁବନେଶ୍ୱର,(ପିଏନ): ରାସ୍ତା କଡ଼ରେ ଥିବା ଡ୍ରେନ୍ ମାନଙ୍କରେ ବେଆଇନଭାବେ ପକାଯାଉଥିବା ମଇଳା ଆବର୍ଜନାକୁ ରୋକିବା ପାଇଁ ବିଏମସି ପକ୍ଷରୁ ନିଷ୍ପତି ନିଆଯାଇଛି । ଏଥିପାଇଁ ଦୁଇଟି ଏନଫୋର୍ସମେଂଟ ସ୍କ୍ୱାର୍ଡ଼ ଗଠନ କରାଯାଇଛି । ଏହି ସ୍କ୍ୱାର୍ଡ଼ରେ ବିଏମସି କର୍ମଚାରୀ, ପୋଲିସ, ଟ୍ରାଫିକ ଏବଂ ଆରଟିଓ ଅଧିକାରୀ ମାନଙ୍କୁ ରଖାଯାଇଛି । ଏମାନେ ଆଚାର୍ଯ୍ୟ ବିହାର, ଜୟଦେବ ବିହାର, ଖଣ୍ଡଗିରି ଫାୟାର ଷ୍ଟେସନ, ସିଆରପିଏଫ, ଲିଙ୍ଗିପୁର, ପଳାଶୁଣି କୁ ନଜର ରଖିବେ । ସୂଚନାଯୋଗ୍ୟ ଯେ, ଭୁବନେଶ୍ୱର ସିଟିରେ ବାହାରେ ପରିଶ୍ରା କଲେ ୧୫୦ ଟଙ୍କା ଓ ମଳତ୍ୟାଗ କଲେ ୨୦୦ ଟଙ୍କା ଜୋରିମାନା ଆଦାୟ କରାଯିବ ବୋଲି ବିଏମସି ପକ୍ଷରୁ ଗତକାଲି ବିଜ୍ଞପ୍ତି ଜାରି କରାଯାଇଛି ।

# ଲଦାଖର ବିକାଶରେ ନୂଆ ଅଧ୍ୟାୟ ଆରମ୍ଭ : ଶାହ

ନୂଆଦିଲ୍ଲୀ/ଭୁବନେଶ୍ୱର,(ପିଏନ): ନୂଆଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ଭିଡିଓ କନଫରେନ୍ସିଂ ମାଧ୍ୟମରେ ଲଦାଖରେ ଦେଶରେ ପ୍ରଥମ ଆଇଓସିଲ ଦ୍ୱାରା ତିଆରି ହୋଇଥିବା ସ୍ୱତନ୍ତ୍ର ଶୀତକାଳୀନ-ଗ୍ରେଡ୍ ଡିଜେଲ୍ ଯୋଗାଣର ଶୁଭାରମ୍ଭ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ହୋଇଯାଇଛି।

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହି ପଦକ୍ଷେପ ପାଇଁ ଭାରତ ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରଣାଳୟକୁ ଧନ୍ୟବାଦ ଦେବା ସହ ଏହି ଐତିହାସିକ ପଦକ୍ଷେପ ଦ୍ୱାରା କେନ୍ଦ୍ର ଶାସିତ ଅଂଚଳ ଲଦାଖର ବିକାଶରେ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି । ଏହି ପଦକ୍ଷେପ ଲଦାଖର ଅର୍ଥନୀତି ଓ ଲୋକଙ୍କ ଜୀବନଶୈଳିକୁ ଗତି ଦେବ । ଆଗାମୀ ଦିନରେ ଲଦାଖର ବିକାଶରେ ବହୁତ ବଡ ପରିବର୍ତନ ହେବ ବୋଲି ଶ୍ରୀ ଶାହ କହିଛନ୍ତି । ସେହିପରି ଆଗାମୀ ୪ ବର୍ଷ ମଧ୍ୟରେ ଲଦାଖରେ ପ୍ରାୟ ୫୦ ହଜାର କୋଟି ଟଙ୍କା ବ୍ୟୟରେ ଦେଶର ସର୍ବବୃହତମ ତଥା ୭୫୦୦ ମେଗାୱାଟର ସୌର ପ୍ରକଳ୍ପ ଶେଷ ହେବ । ଏହା ଦ୍ୱାରା ଲଦାଖର କେବଳ ବିକାଶ ହେବ ନାହିଁ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଶାହ କହିଛନ୍ତି ।




ସେହିପରି ଶ୍ରୀ ପ୍ରଧାନ ଏହି ଅବସରରେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ଦୃଢ ରାଜନୈତିକ ଇଚ୍ଛାଶକ୍ତି ଓ ଦୂରଦୃଷ୍ଟି କାରଣୁ ଦେଶରେ ପ୍ରଥମ ଥର ପାଇଁ ଏପରି ପଦକ୍ଷେପ ନିଆଯାଇପାରିଛି । ମୋଦିଙ୍କ ନେତୃତ୍ୱରେ ନିଆଯାଇଥିବା ପଦକ୍ଷେପ ଲଦାଖର ଉର୍ଜା ଆବଶ୍ୟକତାକୁ ପୂରଣ କରିବ। ଶୀତଋତୁରେ ଲଦାଖରେ ଅତ୍ୟଧିକ ଶୀତ ତଥା ପାରଦରେ ମାତ୍ରା ମାଇନସ ଡିଗ୍ରୀ ରହିବା କାରଣରୁ ଡିଜେଲ୍ ବରଫ ଆକାର ହୋଇଯାଉଥିଲା । ଯାଦ୍ୱାରା ଏହି ଅଂଚଳରେ ଡିଜେଲ ଚାଳିତ ଗାଡି ବନ୍ଦ ହେବା ଫଳରେ ବ୍ୟବସାୟ ଠପ୍ ହେବା ସହ ପର୍ଯ୍ୟଟନରେ ବାଧା ଉପୁଜୁଥିଲା । ମାତ୍ର ଆଇଓସିଏଲ୍ ଦ୍ୱାରା ନିର୍ମିତ ସ୍ୱତନ୍ତ୍ର ଶୀତକାଳୀନ-ଗ୍ରେଡ୍ ଡିଜେଲ୍ -୩୩ ଡିଗ୍ରୀ ତାପମାତ୍ରାରେ ମଧ୍ୟ ରହିପାରିବାର କ୍ଷମତା ରଖିଛି । ଏହାକୁ ଆଇଓସିଏଲର ପାନିପଥ ରିଫାଇନାରୀରେ ତିଆରି କରାଯାଇଛି । ଏବେ ଏହି ବ୍ୟବସ୍ଥା ଫଳରେ ସୁରକ୍ଷା କର୍ମୀ, ପର୍ଯ୍ୟଟକ ଏବଂ ସ୍ଥାନୀୟବାସୀଙ୍କବାସୀ ପାଇଁ ଇନ୍ଧନ ଯୋଗାଣର ସୁନିଶ୍ଚିତ ହୋଇଛି ।








# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସିପାଲ।

---

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

## ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ବଲିଉଡକୁ ଫେରୁଛନ୍ତି ଟ୍ୱିଙ୍କଲ

ଅକ୍ଷୟ କୁମାରଙ୍କ ସହ ବିବାହ ପରେ ଫିଲ୍ମ ଦୁନିଆରୁ ଦୂରେଇ ରହିଥିଲେ ଟ୍ୱିଙ୍କଲ ଖନ୍ନା। କିନ୍ତୁ ଏବେ ପୁଣିଥରେ ସେ ଏହି ଦୁନିଆକୁ ଫେରିବାକୁ ଯାଉଛନ୍ତି। ମାତ୍ର ପୂର୍ବପରି ସେ ପରଦା ଉପରେ ଅଭିନୟ କରିବେ ନାହିଁ। ବରଂ ପରଦା ପଛରେ ରହି ଫିଲ୍ମ ନିର୍ମାଣ କରିବେ। ଆଜ୍ଞା ହଁ, ଅଭିନୟ ପରେ ଏବେ ପ୍ରଯୋଜନା ପାଇଁ ମନ ବଳାଇଛନ୍ତି ଟ୍ୱିଙ୍କଲ। ଖୁବ୍ ଶୀଘ୍ର ସେ ନିଜର ପ୍ରଡକ୍ସନ ହାଉସ୍ ମିସ୍ଟ୍ରେସ୍ ଫନିବୋନସ୍ ମୁଭିଜ୍‌ରେ ପତି ଅକ୍ଷୟଙ୍କୁ ନେଇ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି। ଶୁଣିବାକୁ ମିଳିଛି କି ଟ୍ୱିଙ୍କଲଙ୍କ ପ୍ରଯୋଜନାରେ ଫିଲ୍ମର ନିର୍ଦ୍ଦେଶନା ଦେବେ ଆର. ବାଲକୀ। ଯେଉଁଥିରେ ଅକ୍ଷୟଙ୍କ ବିପକ୍ଷରେ ସୋନମ୍ କପୁର ରହିଛନ୍ତି। ଏକ ମିଡିଆର ସୂଚନା ଅନୁଯାୟୀ, ଟ୍ୱିଙ୍କଲଙ୍କ ଚିନ୍ତାଧାରା ଅନୁଯାୟୀ ଆର.ବାଲକୀ କାହାଣୀ ଲେଖିଛନ୍ତି। ଫିଲ୍ମଟି ଆସନ୍ତା ବର୍ଷ ମାର୍ଚ୍ଚ ମାସରେ ମୁକ୍ତିଲାଭ କରିବ। ଦେଖାଯାଉ ଟ୍ୱିଙ୍କଲଙ୍କ ଏହି ନୂଆ ରାସ୍ତାରେ ତାଙ୍କୁ ସଫଳତା ମିଳିପାରୁଛି କି ନାହିଁ।



# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢ଼ଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଣ୍ଟ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡ। ଏହି ଉଦେଣ୍ଟ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯ୍ୟଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯ୍ୟଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।



# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯ୍ୟଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ତିଆରି ହେବ ଆଉ ଏକ ୱାଘା ବର୍ଡର

ଅହମ୍ମଦାବାଦ ପାବସ୍ଥିତ ଲୋକପ୍ରିୟ ପର୍ଯ୍ୟଣ୍ଟ୍ୟଟନ ସ୍ଥଳ ୱାଘା ବର୍ଡର ଭଳି ଗୁଜୁରାଟ ଭାରତ-ପାକିସ୍ତାନ ସୀମାରେ ଆଉ ଏକ ୱାଘା ବର୍ଡର ତିଆରି କରି ତାକୁ ପର୍ଯ୍ୟଣ୍ଟ୍ୟଟନ ସ୍ଥଳର ମାନଣ୍ଟ୍ୟତା ଦେବାର ଉଦଣ୍ଟ୍ୟମ ଆରମ୍ଭ ହୋଇଛି। ଗୁଜୁରାଟର ବନସକଣ୍ଠା ଜିଲାରେ ଏହି ୱାଘା ବର୍ଡର ଭଳି ଭବଣ୍ଟ୍ୟ ଗେଟର ନିର୍ମାଣ କରାଯିବ। ମୁଖଣ୍ଟ୍ୟମନ୍ତ୍ରୀ ବିଜୟ ରୂପାଣୀ ଏହା ଘୋଷଣା କରିବା ସହ କହିଛନ୍ତି ଯେ ଏଠାରେ ପର୍ଯ୍ୟଣ୍ଟ୍ୟଟକଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯିବ ଯାହା ପାବରେ ଦିଆଯାଉଛି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ବିଶ୍ୱ ଜନଗୋଷ୍ଠୀ ଦିବସ



ଆଜି ବିଶ୍ୱ ଜନଗୋଷ୍ଠୀ ଦିବସ। ଏହି ଦିବସର ତାତ୍ପର୍ଯ୍ୟ ଭିତରେ ମନେପଡୁଛି ଉପନିଷଦର ସେହି ପବିତ୍ର ବାଣୀ 'ଶୃଣନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ'। ସଚରାଚର ବିଶ୍ୱ ବ୍ରହ୍ମାଣ୍ଡର ଆମେ ସମସ୍ତେ ହେଉଛି ଗୋଟିଏ ମାତାର ସନ୍ତାନ। ପୃଥିବୀ ରୂପକ ଛାତତଳେ ଆମ୍ଭେ ସମସ୍ତେ ଗୋଟିଏ ପରିବାରର ସଦସ୍ୟ। ସଂପ୍ରତି ସମଗ୍ର ବିଶ୍ୱରେ ଦେଖାଦେଇଥିବା ପ୍ରଗତି ଓ ଦୁର୍ଗତୀର ଦୁଇଟି ଚିତ୍ରକୁ ନିରିଖେଇ ଦେଖିଲେ ପ୍ରଗତି ତୁଳନାରେ ଦୁର୍ଗତୀର ଛାପ ଅଧିକ। ସୂଚନା ପ୍ରଯୁକ୍ତିର ସାହାରାରେ ମଣିଷ ଆଜି ଚନ୍ଦ୍ରପୃଷ୍ଠରେ ପାଦ ଥାପିଛି। ମୁହୂର୍ତ୍ତକ ମାତ୍ରେ ଯାହା ଚାହୁଁଛି ସେହି ଅସାଧ୍ୟକୁ ସାଧନ କରିପାରୁଛି। କିନ୍ତୁ ପରିପାର୍ଶ୍ୱିକ ଓ ପରିବେଶଗତ ସନ୍ଧିକ୍ଷଣକୁ ନେଇ ମଣିଷ ସମାଜ ଆଜି ନିଶ୍ଚିତ ଭାବରେ ଚିନ୍ତିତ ଓ ଉଦ୍‌ବିଗ୍ନ। ସମଗ୍ର ବିଶ୍ୱରେ ବଡ଼ଭାଇ ପଣିଆ ଦେଖାଇବା ପାଇଁ ଆମେରିକା ଠାରୁ ଚୀନ ସମସ୍ତେ ବ୍ୟସ୍ତ ଥିବାବେଳେ ଶାନ୍ତି ଓ ଭାଇଚାରାର ଚିନ୍ତନକୁ ନେଇ ଭାରତ ସମଗ୍ର ବିଶ୍ୱ ସମୁଦାୟ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଛି। ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ଭାରତ ଆଜି ସାରା ପୃଥିବୀରେ ନିଜର ସ୍ୱତନ୍ତ୍ରତା ରଖି ପାରିଛି। ଆଜି ବିଶ୍ୱ ଜନଗୋଷ୍ଠୀ ଦିବସ ଅବସରରେ ଏହି ପବିତ୍ର ଦିନରେ ସମଗ୍ର ବିଶ୍ୱରେ ଜନଗୋଷ୍ଠୀ ଆନ୍ଦୋଳନର ସୂତ୍ରପାତକୁ ସ୍ମରଣ କରୁଛି। ଭୟାବହ ଯୁଦ୍ଧକ୍ଷେତ୍ରରୁ ଫେରିବା ପରେ କେବଳ ଆମେରିକା ନୁହେଁ, ଚୀନ, ଋଷ, ଜାପାନ, ଜର୍ମାନ, ଇଂଲଣ୍ଡ ପରି ସର୍ବବୃହତ୍ ପରାକ୍ରମୀ ରାଷ୍ଟ୍ରମାନେ ଅନୁଭବ କରିଥିଲେ ଯେ ବାସ୍ତବିକ ଏହା ମାନବିକତାର ପରିପନ୍ଥୀ। ବଡ଼ଭାଇ ପଣିଆ ଦେଖାଇବା ପାଇଁ କୋଟି କୋଟି ଟଙ୍କାର ରାଷ୍ଟ୍ରୀୟ ସଂପତ୍ତି ଓ ମୂଲ୍ୟବାନ ସେନା ଯବାନଙ୍କ ସହିତ ସାଧାରଣ ଜୀବନର ନଷ୍ଟ କରିବାର ଅଧିକାର ବା କ୍ଷମତା ସେମାନଙ୍କର ନାହିଁ। ଯଥେଷ୍ଟ ବିଳମ୍ବ ହୋଇଥିଲେ ବି ସେମାନଙ୍କର ଅନୁଚିନ୍ତନ ପରବର୍ତ୍ତୀ ସମୟରେ ସମଗ୍ର ବିଶ୍ୱରେ ଶାନ୍ତିରେ ସହାବସ୍ଥାନ ସୃଷ୍ଟି କରିବାରେ ସମର୍ଥ ହୋଇଛି। ସମଗ୍ର ବିଶ୍ୱ ଆଜି ଦାରିଦ୍ର୍ୟ, ବେକାରୀ, ଅଶାନ୍ତି, ପ୍ରାକୃତିକ ବିପର୍ଯ୍ୟୟ ଓ ନାନା ପ୍ରକାର ଅଘଟଣକୁ ସାମ୍ନା କରୁଥିବାବେଳେ ଶାନ୍ତି ପାଇଁ କିଏ ଯେ ଚାହୁଁଛି ? ସମସ୍ତେ ଶାନ୍ତି ପାଇଁ ଚିତ୍କାର କରୁଥିଲେ ବି ଚିତ୍କାର କିନ୍ତୁ ସେମାନଙ୍କ ଭିତରେ ହିଁ ରହିଯାଉଛି। ତାଲିବାନ୍‌କୁ ଦମନ ପାଇଁ ଆଫଗାନିସ୍ଥାନରେ ଆମେରିକା ତାର ମିତ୍ର ଶକ୍ତିଙ୍କ ସାହାଯ୍ୟ ନେଇ ଯେଉଁ ଧ୍ୱଂସ ଲୀଳା ସୃଷ୍ଟି କରିଥିଲା ଏହାର ପରାଭବ ବହୁ ବିଳମ୍ବରେ ଖୋଦ ଆମେରିକାବାସୀ ଅନୁଭବ କରିଛନ୍ତି। ଦିନକୁ ଦିନ ଦ୍ରୁତ ଜନସଂଖ୍ୟା ବଢୁଥିବାବେଳେ ଏ ନେଇ ଯଥାଯଥ ଭିତ୍ତିଭୂମି ସୃଷ୍ଟି ହୋଇପାରିନାହିଁ। ଜନସଂଖ୍ୟା ଦୃଷ୍ଟିକୋଣରୁ ବେକାରୀ ସଂଖ୍ୟା ବୃଦ୍ଧି ପାଉଛି। ବେକାରୀ ସଂଖ୍ୟାଙ୍କ ବୃଦ୍ଧି ଅନେକ ସମୟରେ ହିଂସା ଓ ଅରାଜକତା ସୃଷ୍ଟି କରୁଛି। ପରମାଣୁ ଶକ୍ତିର ବିରୋଧ କରି ଲୁଚାଛପାରେ ଅନେକ ରାଷ୍ଟ୍ରର ଏହାର ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି। କେବଳ ବଡ଼ ବଡ଼ ରାଷ୍ଟ୍ର ନୁହେଁ ଛୋଟ ରାଷ୍ଟ୍ରମାନେ ଏହାକୁ ହାତେଇବା ପାଇଁ ବେଶ୍ ତତ୍ପରତା ପ୍ରକାଶ କରୁଛନ୍ତି। ଇଆଡ଼େ ଦୁର୍ଭିକ୍ଷ, ଅନାହାରରେ ରାଷ୍ଟ୍ର ସଢୁଥିବାବେଳେ ଦାଦାଗିରି ଦେଖାଇବା ପାଇଁ ପରମାଣୁ ଶକ୍ତି ପାଇଁ ଦେଶର ରାଜକୋଷକୁ ଖାଲି କରିଦେବା କେଉଁ ନ୍ୟାୟରେ ଯାଏ ? ଭାରତ ପାଇଁ ସବୁଠି ସବୁକ୍ଷେତ୍ରରେ ବିଷମ ପରିସ୍ଥିତି ସୃଷ୍ଟି ହେଉଛି। ମିତ୍ରରାଷ୍ଟ୍ର ଋଷ ଦୂରରେ ରହିଯାଇଥିବାବେଳେ ଦୁଇପଟେ ଚାଇନା ଓ ପାକିସ୍ଥାନ ଭାରତ ପାଇଁ ସମସ୍ୟା ସୃଷ୍ଟି କରୁଛନ୍ତି। ସୀମା ନାମରେ ଚାଇନା ଭାରତ ଉପରେ ଲୋଲୁପଦୃଷ୍ଟି ପକାଇଥିବାବେଳ ଶକ୍ତିହୀନ ପାକିସ୍ଥାନର ଶ୍ୱେନଦୃଷ୍ଟି ମଧ୍ୟ କିଛି କମ୍ ନୁହେଁ। ନିଜର ସାମାନ୍ୟ ସ୍ୱାର୍ଥ କମିଗଲେ ପଲଟି ପଡୁଥିବା ଶ୍ରୀଲଙ୍କା ଭାରତର ଦୀର୍ଘସ୍ଥାୟୀ ମିତ୍ରରାଷ୍ଟ୍ରର ମର୍ଯ୍ୟାଦା ପାଇପାରିନାହିଁ। ଯଦିଓ ବାଙ୍ଗାଲାଦେଶ ନେପାଳ ଭାରତକୁ ସମ୍ମାନ କରିବା ସହ ବଡ଼ଭାଇର ମର୍ଯ୍ୟାଦା ଦେଇଛନ୍ତି ତେବେ ସମଗ୍ର ବିଶ୍ୱର ଦାଦାଗିରିରେ ସେମାନଙ୍କର ଭୂମିକା ସବୁବେଳେ ନୀରବ। ଭାରତର ରାଜନୈତିକ ଓ କୂଟନୈତିକ ଦୃଷ୍ଟିକୋଣକୁ ଦେଖିଲେ ଭାରତ ସର୍ବଦା ଶାନ୍ତି ସହବସ୍ଥାନ ହିଁ ଚାହେଁ। ଅନେକ ସାଧୁସନ୍ଥ, ଧର୍ମଗୁରୁ ଓ ଭଗବାନ ଏହି ରାଷ୍ଟ୍ରରେ ବିରାଜିତ ହୋଇଥିବାରୁ ଭାରତର ଆଧାତ୍ମିକ ଶକ୍ତି ନିଶ୍ଚିତ ଭାବରେ ଅତୁଳନୀୟ। ସମଗ୍ର ବିଶ୍ୱସମୁଦାୟ ବି ଦେଖିଛି ପାକିସ୍ଥାନ ମୁମ୍ବାଇରେ ଭୟଙ୍କର ଧ୍ୱଂସଲୀଳା ଘଟାଇଥିଲେ ବି ଭାରତ କିନ୍ତୁ ଆଇନର ଗଣ୍ଡିରେ କସାବକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଜୀବିତ ରଖିଛି। ସମଗ୍ର ବିଶ୍ୱ ସମୁଦାୟ ଭାରତର ଶାନ୍ତିର ସହାବସ୍ଥାନ ଓ ନିରପେକ୍ଷତା ଗୁଣ ପାଇଁ ସମ୍ମାନ କରନ୍ତି। ସମଗ୍ର ବିଶ୍ୱରେ ବିଭିନ୍ନ ରାଷ୍ଟ୍ର ନିର୍ଦ୍ଦିଷ୍ଟ ଗୋଷ୍ଠୀ ଭିତରେ ବାନ୍ଧି ହୋଇଥିବାବେଳେ ଭାରତ କିନ୍ତୁ ନିରପେକ୍ଷ ଭାବରେ ନିଜର ମତ ଉପସ୍ଥାପନ କରି ସର୍ବଦା ଶାନ୍ତିର ବାର୍ତ୍ତାବହ ଭାବେ କାର୍ଯ୍ୟ କରିଛି। ସମଗ୍ର ବିଶ୍ୱର ଯେକୌଣସି ରାଷ୍ଟ୍ରରେ ପ୍ରାକୃତିକ ବିପର୍ଯ୍ୟୟ ଘଟିଛି ଭାରତର ଶାନ୍ତିସେନା ଆବଶ୍ୟକୀୟ ସାହାଯ୍ୟ ସହଯୋଗ ସହ ପହଞ୍ଚି ନିଜର ଦାୟିତ୍ୱ ନିର୍ବାହ କରିଛି। ବିଶ୍ୱ ଜନଗୋଷ୍ଠୀ ଦିବସ ଅବସରରେ ଜନଗୋଷ୍ଠୀ ଆନ୍ଦୋଳନର ପ୍ରାସଙ୍ଗିକତା ଓ ଦାୟିତ୍ୱବୋଧକୁ ଭାରତୀୟଙ୍କୁ ସଚେତନ କରିବାର ଦିବସଟି ହେଉଛି ଆଜି। ବ୍ୟକ୍ତିଗତ ସ୍ୱାର୍ଥକୁ ପଛରେ ପକାଇ ଜାତୀୟ ଓ ରାଷ୍ଟ୍ରୀୟ ସ୍ୱାର୍ଥ ତଥା ସମାଜର ଆଧାତ୍ମିକ ଓ ସାମାଜିକ ବିକାଶରେ ନିଜର ଦାୟିତ୍ୱ ନିର୍ବାହ ପାଇଁ ପ୍ରତିଟି ଭାରତୀୟ ଶପଥ ନେବାର ଦିବ୍ୟ ମୁହୂର୍ତ୍ତ ହେଉଛି ଆଜିର ଦିବସ।

**ଡଃ. ଅରୁନ୍ଧତୀ ଦେବୀ,** ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ: ୯୯୩୭୧୭୨୮୧୦

# କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପ୍ରସଙ୍ଗ





ଓଡ଼ିଶାର ସର୍ବବୃହତ ମହୋତ୍ସବର ମାନ୍ୟତା ପାଇଥିବା ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦେବା ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସାତବର୍ଷ ଧରି ଦାବି ଉଠିଛି। ୨୦୧୪ରେ ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ଏ ନେଇ ଉଚିତ ପଦକ୍ଷେପ ନିମିତ୍ତ ନିବେଦନ କରାଯାଇଥିଲା। ତେବେ ଏଠାରେ ପାଠକଙ୍କୁ ବିନମ୍ର ଭାବେ ସୂଚୀତ କରାଯାଇପାରେ କି ଯେ, ଜାତୀୟ ମାନ୍ୟତା ବୋଲି ସେପରି ସାର୍ଟିଫିକେଟ ପ୍ରଦାନ କରାଯାଏ ନାହିଁ କେବଳ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏପରି ବଡ଼ ମେଳାର ପରିଚାଳନା ପାଇଁ କିଛି ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରାଯାଏ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ମେଳା ପରିଚାଳନା ହୁଏ। ସର୍ବ ପ୍ରଥମେ ରାଜ୍ୟ ସରକାର ବାଲିଯାତ୍ରାକୁ ଜାତୀୟ ମାନ୍ୟତା ମିଳିବା ନେଇ ତଥ୍ୟ, ପ୍ରାସଙ୍ଗିକ ଓ ଯୁକ୍ତିସଙ୍ଗତ ପ୍ରସ୍ତାବ ଜଣାଇବେ। ବାଲିଯାତ୍ରାର ପଛରେ ଥିବା ଐତିହାସିକ ଓ ପୌରାଣିକ ତଥା ଭୌଗୋଳିକ ପୃଷ୍ଠଭୂମି ସମ୍ବନ୍ଧୀୟ ଯଥାର୍ଥ ଓ ଉପଯୁକ୍ତ ତଥ୍ୟ ପ୍ରମାଣ ଦେବେ ଯେପରି ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ ଯେଉଁ ଭାବରେ ଦାବି ଓ ଆନ୍ଦୋଳନ ଉଠିଥିଲା ସେହିପରି ଉଦ୍ୟମ ଜରୁରୀ। ଏହା ନିଶ୍ଚିନ୍ତ ଯେ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ମିଳିଲେ ବାଲିଯାତ୍ରାର ଯଥେଷ୍ଟ ବିକାଶ ହୋଇପାରିବ। ଜାତୀୟ ମାନ୍ୟତା ମିଳିଲେ ବାଲିଯାତ୍ରାକୁ ନେଇ ଅନେକ ଗବେଷଣାର ସୂତ୍ରପାତ ହେବ। ପୌରାଣିକ ଓ ଐତିହାସିକ ତଥ୍ୟର ଗବେଷଣା ଅନେକ ଲୁକ୍‌କାୟିତ ଅନେକ ତଥ୍ୟ ଲୋକଲୋଚନକୁ ଆସିପାରିବ। ଯେପରି ବାଲିଯାତ୍ରାର ନାମକରଣକୁ ନେଇ ଓ ଏହାର ଆରମ୍ଭ ଘଟଣାକୁ ନେଇ ଲୋକମୁଖରେ ଅନେକ କଥା ଶୁଣିବାକୁ ମିଳିଥାଏ। ଦିନ ଥିଲା ଓଡ଼ିଆ ସାଧବପୁଅ ମାନେ ବେପାର ବଣିଜ ପାଇଁ ଯାତ୍ରା କରୁଥିବାରୁ ତାହା ବାଲିଯାତ୍ରା ଭାବେ ନାମିତ ହୋଇଛି ସେହିପରି ଗଜପତିଙ୍କ ବାଲୀ ଗସ୍ତ ସମୟରେ କିଲ୍ଲାପଡ଼ିଆରେ ବିଶ୍ରାମ ନେଉଥିବା ସମୟ ଘଟଣାକୁ ନେଇ କେହି କେହି ବାଲୀ ଯାତ୍ରାରୁ ବାଲିଯାତ୍ରା ହୋଇଥିବ ବୋଲି କୁହନ୍ତି। ପ୍ରତାପରୁଦ୍ର ଦେବଙ୍କ ଶାସନ ସମୟ ଅର୍ଥାତ୍ ୧୫୨୦ ଖ୍ରୀଷ୍ଟାବ୍ଦରେ ଶ୍ରୀଚୈତନ୍ୟ ମହାପ୍ରଭୁ ଓଡ଼ିଶା ଆଗମନର ପର୍ବକୁ ବାଲିଯାତ୍ରା ଭାବେ କେହି କେହି ପାଳନ କରିଥାନ୍ତି ବୋଲି ମତ ଦିଅନ୍ତି। ତେବେ ଜାତୀୟ ମାନ୍ୟତା ମିଳିଲେ ଅନେକ ଲୋକଲୋଚନର ଉଆଡ଼ରେ ଥିବା ତଥ୍ୟ ସାର୍ବଜନୀନ ହୋଇପାରିବ। ଦେଶ ବିଦେଶରେ ଓଡ଼ିଶାର ଏହି ଅନନ୍ୟ ସାଂସ୍କୃତିକ କୀର୍ତ୍ତି ଆହୁରି ଗୌରବମୟ ହୋଇପାରିବ। ଯାହାପାଇଁ ଦେଶ ବିଦେଶର ଅନେକ ପର୍ଯ୍ୟଟକ ଓଡ଼ିଶା ଆସିବାରୁ ସରକାର ଯଥେଷ୍ଟ ରାଜସ୍ୱ ମଧ୍ୟ ପାଇବେ।

ଚଳିତ ବର୍ଷ ବାଲିଯାତ୍ରା ଅନେକ ଦୃଷ୍ଟିରୁ ସ୍ମରଣୀୟ ହେବ କାରଣ ବାଲିଯାତ୍ରାର ପ୍ରତ୍ୟେକ ଦିନ ସକାଳ ୬ଟାରୁ ୧୦ଟା ପର୍ଯ୍ୟନ୍ତ ପଥୋତ୍ସବ ହେବ। କଟକର ଲୋକକଳା, ସଂସ୍କୃତି, ସାମାଜିକ ଭୂଗୋଳ, ସାଂସ୍କୃତିକ ବିଭବକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଠାରୁ ଚିତ୍ରକଳା, ରଙ୍ଗୋଲି ତଥା ବିଭିନ୍ନ କାର୍ଯ୍ୟକ୍ରମ ଏଥିରେ ପ୍ରଦର୍ଶିତ ହେବ। ଏହାସହ ବାଲିଯାତ୍ରା ସମ୍ପର୍କିତ ଆଲୋଚନାଚକ୍ର, ବେପାର ବଣିଜ ସହିତ ବୋଟିଂ, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ଅନୁଷ୍ଠିତ ହେବ। ଚଳିତ ଥର କଟକର ଯେ କୌଣସି ସ୍ଥାନରୁ ବାଲିଯାତ୍ରା ପଡ଼ିଆକୁ ଯିବା ପାଇଁ ଏଥର ମୋ କଟକ ବାଲିଯାତ୍ରା ରିକ୍ସା ପ୍ରସ୍ତୁତ କରାଯାଇଛି। ପ୍ରଥମ ଥର ପାଇଁ ପୃଷ୍ଠପୋଷକର ବ୍ୟବସ୍ଥା କରି ପ୍ରଶାସନ ଐତିହାସିକ ବାଲିଯାତ୍ରାରେ ଚମକ ଆଣିବାରେ ଯୋଜନା କରିଛନ୍ତି। ଚଳିତ ଥର ବାଲିଯାତ୍ରାରେ ଜଳକ୍ରୀଡ଼ାକୁ ଅଧିକ ପ୍ରୋତ୍ସାହନ ଦିଆଯାଇଛି। ପ୍ରଥମ ଥର ପାଇଁ ଆକର୍ଷଣୀୟ ବ୍ୟବସ୍ଥା ସ୍ୱରୂପ ମହାନଦୀ ଭିତରେ କରାଯିବ ଷ୍ଟେଜ। ସାଂସ୍କୃତିକ କାର୍ଯ୍ୟକମ ଏଠାରେ ପ୍ରଦର୍ଶିତ ହେବ। ଦୁଇ ଡଙ୍ଗାକୁ ଯୋଡ଼ି ବଡ଼ ଷ୍ଟେଜରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନେ ଉପଭୋଗ କରିବେ ଓ ବୋଟିଂର ମଜା ମଧ୍ୟ ନେବେ। ପୂର୍ବରୁ ବାଲିଯାତ୍ରାରେ ଦୁଇଟି ଷ୍ଟଜ କରାଯାଉଥିଲା କିନ୍ତୁ ଚଳିତ ବର୍ଷ ଚାରୋଟି ଷ୍ଟେଜର ଯୋଜନା ରହିଛି। ଗୋଟିଏ ପାଣି ଭିତରେ ଓ ଅନ୍ୟ ତିନୋଟି ତଳ ଓ ଉପର ବାଲିଯାତ୍ରା ପଡ଼ିଆରେ କରାଯିବ। ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ବାଲିଯାତ୍ରା ସ୍ମରଣିକା ନାମରେ ଏକ ସ୍ମରଣୀୟ ଓ ତଥ୍ୟ ସମ୍ବଳିତ ପୁସ୍ତକ ପ୍ରତ୍ୟେକ ବର୍ଷ ପ୍ରକାଶ ହେଉଛି। ଏହା କେବଳ ସଂସ୍କୃତି ପ୍ରେମୀ ନୁହଁନ୍ତି ଅନେକ ଗବେଷକ ଓ ସୃଜନଶୀଳ ବ୍ୟକ୍ତିମାନଙ୍କ ପାଇଁ ସଂଗ୍ରହଣୀୟ ହୋଇଥାଏ।

ହଜାର ବର୍ଷର ପରମ୍ପରା ସମୃଦ୍ଧ କଟକର ବାଲିଯାତ୍ରାକୁ ନିକଟରେ ରାଜ୍ୟ ସରକାର ରାଜ୍ୟମହୋତ୍ସବ ମାନ୍ୟତା ଦେଇଛନ୍ତି। ତେବେ ଏହାକୁ ଜାତୀୟ ମାନ୍ୟତା ଦେବା ପାଇଁ ଦାବି ଉଠୁଛି। ସୂଚନାଥାଉକି ପ୍ରଧାନମନ୍ତ୍ରୀ ମୋଦି ୨୦୧୮, ମେ ୨୭ରେ ବାଲିଯାତ୍ରା ପଡ଼ିଆରେ ଏକ ଜନସଭାକୁ ସମ୍ବୋଧନ କରିଥିଲେ ଏବଂ ଅନେକ ସମୟରେ କଟକର ବାଲିଯାତ୍ରା ପ୍ରସଙ୍ଗକୁ ବିଦେଶରେ ମଧ୍ୟ ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ସ୍ଥାନିତ କରିଛନ୍ତି। ଗତ ବର୍ଷ ମେ ୩୦ରେ ପ୍ରଧାନମନ୍ତ୍ରୀ ମୋଦି ଇଣ୍ଡୋନେସିଆ ଯାଇଥିବାବେଳେ ସେ ଦେଶର ରାଷ୍ଟ୍ରପତି ଜୋକ୍ ଉଇଡୋଡୋଙ୍କ ସହ ସମ୍ବାଦପତ୍ରକୁ ଉଦ୍‌ବୋଧନ ଦେବାବେଳେ କଟକ ବାଲିଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶାର ସାଧବ ପୁଅମାନେ ଜାଭା-ସୁମିତ୍ରା ଭ୍ରମଣ କରି ବେପାର ବଣିଜ କରୁଥିଲେ। ଭାରତରେ ରାଜସ୍ଥାନର ପୁଷ୍କର ମେଳା, ଉତ୍ତର ପ୍ରଦେଶର କୁମ୍ଭ ପ୍ରୟାଗ ମେଳା, ପଶ୍ଚିମବଙ୍ଗର ଗଙ୍ଗାସାଗର ମେଳା, ହରିୟାଣାର ସୁରଜକୁଣ୍ଡ ମେଳା, ବିହାରର ସୋନପୁର ମେଳା ଓ ଲଦାଖର ହେମିଶଗୋମ୍ଫା ମେଳା ବିଶ୍ୱସ୍ତରରେ ପର୍ଯ୍ୟଟକଙ୍କୁ ଏ ସ୍ଥାନକୁ ଆଣିପାରୁଥିବାବେଳେ କେନ୍ଦ୍ର ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଏ ନେଇ ଅନୁଦାନ ମଧ୍ୟ ଦେଉଛନ୍ତି। ତେଣୁ ବାଲିଯାତ୍ରା ପରି ଏକ ସର୍ବବୃହତ୍ ମେଳାକୁ ଜାତୀୟ ମାନ୍ୟତା ଦେବା ପାଇଁ ମଧ୍ୟ ଦାବି ଉଠୁଛି। ଶହ ଶହ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଓଡ଼ିଶାର ଏହି ଐତିହାସିକ ବାଲିଯାତ୍ରା ବଡ଼ ମହୋତ୍ସବ ତାଲିକାରେ ସ୍ଥାନିତ ହୋଇନାହିଁ। କିନ୍ତୁ ମହୋତ୍ସବ ଲାଗି କେନ୍ଦ୍ର ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରଡକ୍ଟ/ଇନ୍‌ଫ୍ରାଷ୍ଟ୍ରକଚର ଡେଭଲପମେଣ୍ଟ ଫର ଡେଷ୍ଟିନେସନ୍‌ସ ଆଣ୍ଡ ସର୍କିଟ ସ୍କିମରେ ଯେଉଁସବୁ ମାନଦଣ୍ଡ କରାଯାଇଛି ସବୁଥିରେ ବାଲିଯାତ୍ରା ଆଗରେ ରହିଛି। ସବୁ ମାନଦଣ୍ଡକୁ ପୂରଣ କରୁଛି। କିନ୍ତୁ ଏହାସତ୍ତ୍ୱେ ବାଲିଯାତ୍ରା କେନ୍ଦ୍ର ପର୍ଯ୍ୟଟନ ବିଭାଗର ସୁଦୃଷ୍ଟିରେ ପଡ଼ିପାରି ନାହିଁ। ଫଳରେ କେନ୍ଦ୍ର ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆକର୍ଷଣ କରିପାରିନାହିଁ। କେନ୍ଦ୍ର ସରକାରଙ୍କ ପିଆଇଟିଡିସି ଜରିଆରେ କେବଳ ମହୋତ୍ସବ ନୁହେଁ ଚାରିରୁ ପାଞ୍ଚ ଦିନ ଧରି ଅନୁଷ୍ଠିତ ହେଉଥିବା ମେଳାକୁ ମଧ୍ୟ ସମସ୍ତ କାଗଜପତ୍ର ଯାଞ୍ଚ କରି ଏହାର ଗୁରୁତ୍ୱକୁ ବିଚାର କରି ଅନୁଦାନ ଦେଇଥାଏ। ପାଞ୍ଚକୋଟିରୁ ପଚାଶ କୋଟି ପର୍ଯ୍ୟନ୍ତ ମଧ୍ୟ ଆର୍ଥିକ ସହଯୋଗ ମିଳିଥାଏ। ବାଲିଯାତ୍ରା ମହୋତ୍ସବ ଆଠ ଦିନ ଧରି ଅନୁଷ୍ଠିତ ହେଉଥିବାରୁ ଓ ଦୈନିକ ପାଖାପାଖି ଦେଢ଼ଲକ୍ଷ ପର୍ଯ୍ୟନ୍ତ ଲୋକ ଭାଗ ନେଉଥିବାରୁ ଏହି ମହୋତ୍ସବରେ ପ୍ରାୟ ଦେଢ଼ କୋଟି ଟଙ୍କା ଖର୍ଚ୍ଚ ହେଉଥିବ ବୋଲି ପିଆଇଟିଡିସି ଉଲ୍ଲେଖ କରିଛି। ମହୀଶୂରର ଦଶହରା ହେଉ ବା ରାଜସ୍ଥାନର ମରୁଭୂମି ମହୋତ୍ସବ ଏପରିକି ଜୟପୁରର ଦୀପାବଳି ଓ ମଣିପୁରର ପୋଲ ଖେଳ ପାଇଁ ଅନୁଷ୍ଠିତ ହେଉଥିବା ଚମ୍ପିଆନସିପ୍ ପ୍ରତିଯୋଗିତା ପ୍ରଭୃତିକୁ ପର୍ଯ୍ୟଟନ ବିଭାଗ ବଡ଼ ମହୋତ୍ସବ ଭାବେ ଗ୍ରହଣ କରିଛି। ଜାତୀୟ ସ୍ତରରେ ଅଠରଟି ମହୋତ୍ସବ ପର୍ଯ୍ୟଟନ ବିଭାଗର ବଡ଼ ମହୋତ୍ସବ ଭାବେ ମାନ୍ୟତା ପାଇଛି। କିନ୍ତୁ ସମସ୍ତ ମାନଦଣ୍ଡ ପୂରଣ କରୁଥିଲେ ବି ଏଯାବତ୍ ବାଲିଯାତ୍ରା ଜାତୀୟ ମହୋତ୍ସବର ମାନ୍ୟତା ପାଇନାହିଁ। ସୂଚନାଥାଉକି ଏଗାରତମ ପଞ୍ଚବାର୍ଷିକ ଯୋଜନାରେ ଏସବୁ ମହୋତ୍ସବ ପାଇଁ କେନ୍ଦ୍ର ପର୍ଯ୍ୟଟନ ବିଭାଗ ଦେଢ଼ କୋଟି ଟଙ୍କାର ସହାୟତା ଦେଇଆସୁଛି। ଏହି ଅର୍ଥରେ ମହୋତ୍ସବର ସାମଗ୍ରିକ ବିକାଶ ଯଥା ସୌନ୍ଦର୍ଯ୍ୟକରଣ ଠାରୁ ପିଇବା ପାଣି, ଆଲୋକିକରଣ ସହ ପର୍ଯ୍ୟଟକଙ୍କ ରହଣି ପରି ଅନେକ ସୁବିଧା ବ୍ୟବସ୍ଥା ଉଲ୍ଲେଖ ରହିଛି। ଏଥିସହ ଉକ୍ତ ମହୋତ୍ସବ ସ୍ଥଳକୁ ଜାତୀୟ ରାଜପଥ ହେଉ ବା ରାଜ୍ୟ ରାଜପଥର ବିକାଶ ମଧ୍ୟ କରାଯିବାର ବ୍ୟବସ୍ଥା ରହିଛି। ବାଲିଯାତ୍ରା କେନ୍ଦ୍ର ସରକାରଙ୍କ ଅଠରଟି ମହୋତ୍ସବ ଭିତରେ ସାମିଲ ହୋଇପାରୁ ନଥିବାରୁ ଟଙ୍କାଟିଏ ମଧ୍ୟ ଅନୁଦାନ ମିଳିପାରୁନାହିଁ। ତେଣୁ ପର୍ଯ୍ୟଟନ ବିଭାଗର ତଥ୍ୟଭିତ୍ତିକ ଦୃଢ଼ ଦାବି ସହ ସମଗ୍ର ସ୍ୱାଭିମାନୀ ଓଡ଼ିଆମାନେ ଏ ନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିପାରିଲେ ଏହା ଜାତୀୟ ମାନ୍ୟତା ପାଇପାରିବ।

**ନାଟ୍ୟସାରଥି ଅଭୟ କୁମାର ଦାସ,** ଗୋତରା, ମାହାଙ୍ଗା, କଟକ, ଦୂରଭାଷ: ୯୪୩୭୧୪୨୭୧୭

# ବାତ୍ୟା ବୁଲ୍‌ବୁଲ୍ ପାଇଁ ଘୋଷିତ କ୍ଷତିପୂରଣ ପ୍ୟାକେଜ କାର୍ଯ୍ୟକାରୀ ହେଉ !

ଭୁବନେଶ୍ୱର (ପିଏନ୍): ବାତ୍ୟା ବୁଲ୍‌ବୁଲ୍ ଯୋଗୁ ଓଡ଼ିଶାର ୬ଟି ଜିଲ୍ଲା କ୍ଷତିଗ୍ରସ୍ତ ହୋଇଛି। ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, ମୟୁରଭଞ୍ଜ ସମେତ ଯାଜପୁର ଜିଲ୍ଲା ମଧ୍ୟ ଏହି ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ଜାତୀୟ ବିପର୍ଯ୍ୟୟ ସହାୟତା ପାଣ୍ଠିର ଗାଇଡ୍ ଲାଇନ୍ ଅନୁଯାୟୀ ମୁଖ୍ୟମନ୍ତ୍ରୀ ଏହି କ୍ଷତିପୂରଣ ପ୍ୟାକେଜ ଘୋଷଣା କରିଛନ୍ତି। ଏହି କ୍ଷତିପୂରଣ ପ୍ୟାକେଜକୁ ଅବିଳମ୍ବେ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା କୃଷକସଭା ଦାବି ଜଣାଉଛି। ଯଦିଚ ଘୋଷିତ କ୍ଷତିପୂରଣ ପ୍ୟାକେଜ ଦ୍ୱାରା କୃଷକର ପ୍ରକୃତ କ୍ଷତି ଭରଣା ହେବ ନାହିଁ, ତଥାପି ଚାଷୀମାନେ ଯେଉଁଭଳି ଦୁର୍ଦ୍ଦଶା ମଧ୍ୟରେ ଗତି କରୁଛନ୍ତି ଅବିଳମ୍ବେ ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ଜରୁରୀ ବୋଲି ଓଡ଼ିଶା କୃଷକ ସଭା ତରଫରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। କୃଷକ ସଭା ଆହୁରି କହିଛନ୍ତି ଯେ, ମଇ ମାସରେ ହୋଇଥିବା ଭୟଙ୍କର ବାତ୍ୟା ଫନି ବେଳେ ମଧ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହିଭଳି ପ୍ୟାକେଜ ଘୋଷଣା କରିଥିଲେ। ମାତ୍ର ବାସ୍ତବତା ହେଉଛି ବର୍ତ୍ତମାନ ସୁଦ୍ଧା ଫନି ବାତ୍ୟାଗ୍ରସ୍ତ ସମସ୍ତ ଜିଲ୍ଲାରେ କ୍ଷତିଗ୍ରସ୍ତ ପରିବାର ଏବଂ ଚାଷୀମାନେ ଘୋଷିତ କ୍ଷତିପୂରଣ ଅର୍ଥରାଶି ପାଇନାହାଁନ୍ତି। ଫନି ଦ୍ୱାରା ପୁରୀ ଏବଂ ଖୋର୍ଦ୍ଧା ଜିଲ୍ଲା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ସମ୍ପୃକ୍ତ ଜିଲ୍ଲାର ଚାଷୀମାନେ କ୍ଷତିପୂରଣ ଅର୍ଥ ପାଇଲେ ନାହିଁ। ତୃଣମୂଳସ୍ତରରେ ପ୍ରଶାସନିକ ଅଧିକାରୀମାନେ କହୁଛନ୍ତି ଯେ, ଘୋଷଣା ଅନୁସାରେ କ୍ଷତିପୂରଣ ଅର୍ଥ ଆସିନାହିଁ। ତେଣୁ ସର୍ଭେ କାର୍ଯ୍ୟ ସମାପ୍ତ ହୋଇ କ୍ଷତିଗ୍ରସ୍ତମାନଙ୍କୁ ଚିହ୍ନଟ କରିଥିଲେ ସୁଦ୍ଧା ଚାଷୀମାନେ ଦୁର୍ଦ୍ଦଶା ମଧ୍ୟରେ ରହୁଛନ୍ତି। ପୁଣି ବୁଲ୍‌ବୁଲ୍ ବାତ୍ୟାରେ ସେହି ଘୋଷଣା ପୁନରାବୃତ୍ତି ହୋଇଛି। ରାଜ୍ୟ ସରକାର ଘୋଷଣା ଅନୁସାରେ ଆବଶ୍ୟକୀୟ ଅର୍ଥ ତୁରନ୍ତ ପ୍ରଦାନ କରନ୍ତୁ। ଓଡ଼ିଶା କୃଷକ ସଭା ସୂଚାଇ ଦେବାକୁ ଚାହୁଁଛି ଯେ, ଏକବର୍ଷ ମଧ୍ୟରେ ରାଜ୍ୟବାସୀ ତିନୋଟି ବିପର୍ଯ୍ୟୟକୁ ସମ୍ମୁଖୀନ ହେଲେଣି। ୨୦୧୮ ଅକ୍ଟୋବରରେ ଦକ୍ଷିଣାଞ୍ଚଳ ଜିଲ୍ଲାଗୁଡ଼ିକ ତିତିଲି ବାତ୍ୟାରେ ଆକ୍ରାନ୍ତ, ଅମଳ ବେଳେ ମରୁଡ଼ି ଯୋଗୁ ୨୦୧୮ ଶେଷ ଭାଗରେ ପଶ୍ଚିମାଞ୍ଚଳର ୬୬ଟି ବ୍ଲକ ମରୁଡ଼ିରେ କ୍ଷତିଗ୍ରସ୍ତ, ୨୦୧୯ ମଇରେ ଭୟଙ୍କର ବାତ୍ୟା ଫନି ଯୋଗୁ ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କଟକ ଇତ୍ୟାଦି ଜିଲ୍ଲାଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲା। ବର୍ତ୍ତମାନ ପୁଣି ବୁଲ୍‌ବୁଲ୍ ବାତ୍ୟାରେ ୬ଟି ଜିଲ୍ଲାକୁ କ୍ଷତି ପହଞ୍ଚାଇଛି। ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷତିପୂରଣ ଅର୍ଥରାଶି ବଣ୍ଟନ ପାଇଁ ଜାତୀୟ ବିପର୍ଯ୍ୟୟ ସହାୟତା ପାଣ୍ଠି ବା ଏନ୍‌ଡ଼ିଆରଏଫର୍ ଗାଇଡ୍ ଲାଇନ୍ ଅନୁଯାୟୀ ରାଜ୍ୟ ସରକାର ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠି (ଏସ୍‌ଡ଼ିଆରଏଫ୍)ରୁ ଅର୍ଥ ପ୍ରଦାନ କରିଥାନ୍ତି। ମାତ୍ର ଦଶନ୍ଧି ଧରି ଏହି ଗାଇଡ୍ ଲାଇନ୍ ପରିବର୍ତ୍ତନ ନହେବା ଯୋଗୁ ବିପର୍ଯ୍ୟୟ ଜନିତ କ୍ଷତି ଯାହା ଘଟୁଛି ଏବଂ କ୍ଷତିପୂରଣ ଯାହା ଦେବେ ବୋଲି କୁହାଯାଉଛି ତାହା ସମୁଦ୍ରକୁ ଶଙ୍ଖେ ପାଣି। ଏହା ଦ୍ୱାରା କୃଷି ଏବଂ କୃଷକ ସର୍ବନାଶ ଆଡ଼କୁ ଯାଉଛି। ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଏନ୍‌ଡ଼ିଆରଏଫ୍ ଗାଇଡ୍ ଲାଇନ୍ ପରିବର୍ତ୍ତନ ପାଇଁ କେନ୍ଦ୍ରକୁ ଚିଠି ଲେଖିବା ସହିତ ସମ୍ମିଳିତ ଚାପ ପକାଇବା ପାଇଁ ଉଦ୍ୟମ କରନ୍ତୁ। ନତୁବା ରାଜ୍ୟ ସରକାର ନିଜ ପାଣ୍ଠିରୁ ଅଧିକ ଅର୍ଥ କ୍ଷତିପୂରଣ ବାବଦକୁ ଅର୍ଥରାଶି ଦିଅନ୍ତୁ। ଏହି ଉଭୟ ଦାବିରେ ଓଡ଼ିଶା କୃଷକ ସଭା ଚାଷୀମାନଙ୍କୁ ନେଇ ଆନ୍ଦୋଳନ କରିବ ବୋଲି କୃଷକ ସଭାର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

# ଗାନ୍ଧିଜୀଙ୍କ ହତ୍ୟା ଘଟଣା ଲୁଚାଇବା ଉଦ୍ୟମକୁ ଏ.ଆଇ.ଡ଼ି.ଏସ୍.ଓ.ର ନିନ୍ଦା

ଭୁବନେଶ୍ୱର (ପିଏନ୍): ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ 'ଆମ ବାପୁଜୀ, ଏକ ଝଲକ' ଶୀର୍ଷକରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏକ ପ୍ରଚାର ପତ୍ର ପ୍ରକାଶ କରିଛି। ଏଥିରେ ଗାନ୍ଧିଜୀଙ୍କ ଜୀବନ ସମ୍ପର୍କରେ ସଂକ୍ଷେପରେ ଅନେକ କଥା ଓ ଫଟୋଚିତ୍ର ପ୍ରକାଶ କରାଯିବା ସହ ୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ବିରଳା ଭବନରେ ଏକ ଆକସ୍ମିକ ଘଟଣାକ୍ରମେ ଗାନ୍ଧିଜୀଙ୍କର ମୃତ୍ୟୁ ହୋଇଥିଲା ବୋଲି ଏକ ମନଗଢ଼ା ଭୁଲ୍ ତଥ୍ୟ ପ୍ରଦାନ କରାଯାଇ ଛାତ୍ରଛାତ୍ରୀଙ୍କ ମନରୁ ଗାନ୍ଧିଜୀଙ୍କ ଜୀବନର ଏକ ବିରାଟ ସତ୍ୟକୁ ଲୁଚାଇବାକୁ ଅପଚେଷ୍ଟା କରାଯାଇଛି। ଏହାକୁ ଅଲ୍ ଇଣ୍ଡିଆ ଡ଼େମୋକ୍ରାଟିକ ଷ୍ଟୁଡ଼େଣ୍ଟସ୍ ଅର୍ଗାନାଇଜେସନ, ଓଡ଼ିଶା ରାଜ୍ୟ କମିଟି ତରଫରୁ ଦୃଢ଼ ନିନ୍ଦା କରାଯିବା ସହ ଯେଉଁମାନେ ଏହି ଅସତ୍ୟ ପ୍ରଚାର ପାଇଁ ଦାୟୀ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଜଣେ ଆତଙ୍କବାଦୀ ନାଥୁରାମ ଗଡ଼ସେର ଗୁଳିରେ ମହାତ୍ମା ଗାନ୍ଧୀ ପ୍ରାଣ ହରାଇଥିଲେ ଏବଂ ପରେ ଏଥିପାଇଁ ନାଥୁରାମଙ୍କୁ ଫାଶୀ ହୋଇଥିଲା। ସାରା ବିଶ୍ୱରେ ଏହି ଘଟଣାକୁ ଦୃଢ଼ ନିନ୍ଦା କରାଯାଇଥିଲା। ମାତ୍ର ବିଜେପି କ୍ଷମତାକୁ ଆସିବା ପରେ ଗାନ୍ଧୀଙ୍କୁ ଜନମାନସରୁ ପୋଛି ଦେବା ପାଇଁ ତଥା ସଂଘ ପରିବାରକୁ ସୁରକ୍ଷା ଦେବା ପାଇଁ ଉଦ୍ୟମ କରିଆସୁଛି। ରାଜ୍ୟର ବିଜେଡ଼ି ସରକାର ମଧ୍ୟ ନିଜ ସ୍ୱାର୍ଥ ପାଇଁ ବି.ଜେ.ପି.କୁ ଅସନ୍ତୁଷ୍ଟ ନ କରିବା ପାଇଁ ଗାନ୍ଧୀ ହତ୍ୟା ସମ୍ପର୍କରେ ସତ୍ୟକୁ ବିକୃତ କରୁଛି। ଏହା ରାଜ୍ୟର ଛାତ୍ରସମାଜକୁ ଗଭୀର ଭାବେ ବ୍ୟଥିତ କରିଛି। ତେଣୁ ସୁଚିନ୍ତିତ ଭାବେ ଗାନ୍ଧୀ ହତ୍ୟାକୁ ଲୁଚାଇବା ପାଇଁ ରାଜ୍ୟ ସରକାର ଯେଉଁ ପଦକ୍ଷେପ ନେଇଛନ୍ତି ସେଥିରୁ କ୍ଷାନ୍ତ ରହିବା ସହ ବିଦ୍ୟାଳୟରେ ବଣ୍ଟା ଚାଲିଥିବା ପ୍ରଚାରପତ୍ରକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଏ.ଆଇ.ଡ଼ି.ଏସ୍.ଓ. ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ ଓ ସମ୍ପାଦକ ସୁବାସ ନାୟକ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଜିଲ୍ଲାସ୍ତରୀୟ ବିଶ୍ୱ ମଧୁମେହ ଦିବସ ପାଳିତ

ବାଲେଶ୍ୱର (ପିଏନ୍): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ସ୍ଥିତ ଜିଲ୍ଲା ତାଲିମ ପ୍ରକୋଷ୍ଠ ଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଧୁମେହ ରୋଗର କାରଣ, ଲକ୍ଷଣ ଏବଂ ନିରାକରଣ ସଂପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଫକୀରମୋହନ ମେଡିକାଲ କଲେଜର ସହକାରୀ ପ୍ରାଧ୍ୟାପକ ଡା. ପ୍ରେମ କୁମାର ମହାନ୍ତି ଯୋଗଦେଇ ମଧୁମେହ ରୋଗର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହିତ ଏହାର ଚିକିତ୍ସା, ଖାଦ୍ୟାଭ୍ୟାସ ପରିବର୍ତ୍ତନ, ନିୟମିତ ବ୍ୟାୟାମ ଏବଂ ଏଥିପ୍ରତି ପରିବାରର ରହିଥିବା ଦାୟିତ୍ୱ ସଂପର୍କରେ ପ୍ରାଞ୍ଜଳଭାବେ ବୁଝାଇଥିଲେ। ଡା. ଶଶାଙ୍କଶେଖର ଚୌଧୁରୀ, ଡା. ପରେଶ ଚନ୍ଦ୍ର ନନ୍ଦୀ, ଡା. ସନ୍ଧ୍ୟାରାଣୀ ପଟ୍ଟନାୟକ, ଡା. ଗିରୀଶ ଚନ୍ଦ୍ର ପତି, ଡିପିଏମ ଶ୍ରୀ ଅନୀଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଏହି ରୋଗର ଉପଚାର ଏବଂ ରୋଗୀର ଯତ୍ନ ଇତ୍ୟାଦି ଉପରେ ଗୁରୁତ୍ୱାରୋପ କରିଥିଲେ। ମଧୁମେହ ଦିବସ ପାଳନ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବାହାରି ସହର ପରିକ୍ରମା କରିଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ସେହିପରି ବରିଷ୍ଠ ନାଗରିକମାନଙ୍କର ମଧୁମେହ ପରୀକ୍ଷା କରାଯାଇଥିଲା। ଜିଲ୍ଲା ବରିଷ୍ଠ ନାଗରିକ ମଂଚ ସଭାପତି ଶ୍ରୀ ବୈଦ୍ୟନାଥ ଷଡଙ୍ଗୀ, ସାଧାରଣ ସମ୍ପାଦକ ଶ୍ରୀ ଲକ୍ଷ୍ମୀଧର ବେହେରାଙ୍କ ସମେତ ବିଷ୍ଣୁପ୍ରସାଦ ମହାନ୍ତି, ହରିଶ୍ଚନ୍ଦ୍ର ବେହେରା, ଦେବେନ୍ଦ୍ର ନାଥ ଚୌଧୁରୀ ଓ ଅନ୍ୟମାନେ ଏଥିରେ ଉପସ୍ଥିତ ଥିଲେ। ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମରେ ଏଏନଏମ ପ୍ରଶିକ୍ଷଣ କେନ୍ଦ୍ର ଛାତ୍ରୀ, ସ୍ୱାସ୍ଥ୍ୟକର୍ମୀ, ସ୍ୱୟଂସେବୀ ଅନୁଷ୍ଠାନ କର୍ମକର୍ତ୍ତା ପ୍ରମୁଖ ଅଂଶଗ୍ରହଣ କରିଥିବାବେଳେ ଜିଲ୍ଲା ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ଶ୍ରୀ ନରେଶ ଚନ୍ଦ୍ର ଦାସ ଓ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ଶ୍ରୀ ରମଣୀକାନ୍ତ ଭଞ୍ଜ ଏହାର ପରିଚାଳନା କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
A complete Chemistry point for funding fundamentals.
Contact for Coaching in +2 Science, CBSE, OJEE (E&M), AIPMT & AIEEE

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Mahaditya Publication

Gyandeep
THE CRECHE

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication






# ରିଲାଏନ୍ସ ଜିଓ ପକ୍ଷରୁ ଜିଓ-ଫୋନ୍ ଗ୍ରାହକଙ୍କ ପାଇଁ ‘ଅଲ୍-ଇନ୍-ୱାନ’ ପ୍ଲାନ ଘୋଷଣା

ନୂଆଦିଲ୍ଲୀ: ରିଲାଏନ୍ସ ଜିଓ ଏହାର ଜିଓ ଫୋନ୍ ଗ୍ରାହକମାନଙ୍କ ପାଇଁ ଆଜି ‘ଅଲ୍-ଇନ୍-ୱାନ’ ପ୍ଲାନ ଘୋଷଣା କରିଛି। ପୂର୍ବରୁ ଜିଓ ପକ୍ଷରୁ ଏହାର ସ୍ମାର୍ଟଫୋନ୍ ଉପଭୋକ୍ତାଙ୍କ ପାଇଁ କିଛିଦିନ ତଳେ ଏହି ‘ଅଲ୍-ଇନ୍-ୱାନ’ ପ୍ଲାନ ଘୋଷଣା କରାଯାଇଥିଲା। ଏହି ‘ଅଲ୍-ଇନ୍-ୱାନ’ ପ୍ଲାନରେ ରିଲାଏନ୍ସ ଜିଓ ଡାଟା ସହିତ ଜିଓ ଟୁ ଜିଓ ଏବଂ ଅନ୍ୟ ନେଟୱର୍କକୁ କଲିଂ ବ୍ୟବସ୍ଥା ମଧ୍ୟ ସାମିଲ କରିଛି। ଜିଓ ଫୋନ୍‌ର ଏହି ନୂତନ ପ୍ଲାନ ଉପଭୋକ୍ତାମାନଙ୍କ ପାଇଁ ସରଳ ହେବା ସହିତ ଏହାକୁ ବୁଝିବା ପାଇଁ ମଧ୍ୟ ସହଜ ହେବ। ଜିଓ ନେଟୱର୍କରେ ଅସୀମିତ ଭଏସ କଲିଂ ଏବଂ ଡାଟା ବ୍ୟବହାର ପାଇଁ ରିଲାଏନ୍ସ ଜିଓ ପକ୍ଷରୁ ଏକ ୭୫ଟଙ୍କାର ପ୍ଲାନ ଜାରି କରାଯାଇଛି, ଯାହା ଏ କ୍ଷେତ୍ରରେ ଏହା ଦେଶର ସବୁଠାରୁ ଲାଭପ୍ରଦ ଯୋଜନା ବୋଲି ଦାବି କରାଯାଇଛି। ମାସିକ ୭୫ଟଙ୍କାର ଏହି ପ୍ଲାନରେ ୫୦୦ମିନିଟ୍‌ର ଅନ୍ୟ ନେଟୱର୍କ କଲିଂ ସହିତ ୩ଜିବି ଡାଟା ଉପଲବ୍ଧ ହେବ ଏବଂ ପୂର୍ବଭଳି ଜିଓରୁ ଜିଓକୁ ମାଗଣା ଅସୀମିତ କଲ୍ ବ୍ୟବସ୍ଥା ରହିବ। ଏହା ବ୍ୟତୀତ ଜିଓ ଫୋନ୍ ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଆଉ ତିନୋଟି ‘ଅଲ୍-ଇନ୍-ୱାନ’ ପ୍ଲାନ ଘୋଷଣା କରାଯାଇଛି, ଯାହାର ମୂଲ୍ୟ ୧୨୫ଟଙ୍କା, ୧୫୫ଟଙ୍କା ଏବଂ ୧୮୫ଟଙ୍କା ରହିଛି। ସମସ୍ତ ପ୍ଲାନରେ ଜିଓରୁ ଜିଓ ଅସୀମିତ ମାଗଣା କଲିଂ ସୁବିଧା ରହିବା ସହ ୫୦୦ ମିନିଟ୍‌ର ଅନ୍ୟ ନେଟୱର୍କକୁ କଲିଂ ସୁବିଧା ରହିଛି। ଏହି ସମସ୍ତ ପ୍ଲାନର ଅବଧି ଏକମାସ (୨୮ଦିନ) ରହିଛି। ଏହି ପ୍ଲାନଗୁଡ଼ିକର ଆଉ ଏକ ବଡ଼ ଦିଗ ହେଲା, ମାତ୍ର ୩୦ଟଙ୍କା ଅତିରିକ୍ତ ଦେୟ ଭରଣା କରି ଗ୍ରାହକମାନେ ସେମାନଙ୍କ ଡାଟାକୁ ଦୁଇଗୁଣିତ କରିପାରିବେ। ୧୨୫ଟଙ୍କା ପ୍ଲାନରେ ୧୪ଜିବି ଡାଟା ମିଳୁଥିବା ବେଳେ ୧୫୫ ଟଙ୍କା ପ୍ଲାନ୍‌ରେ ୨୮ ଜିବି ଡାଟା, ୧୮୫ ଟଙ୍କାରେ ୫୬ ଜିବି ଡାଟା ଉପଲବ୍ଧ ହେଉଛି। କିନ୍ତୁ ଯଦି ଜଣେ ଗ୍ରାହକ ଏହି ପ୍ଲାନ ସହ ଆଉ ୩୦ଟଙ୍କା ପୈଠ କରି ୧୫୫ଟଙ୍କାର ପ୍ଲାନ କ୍ରୟ କରନ୍ତି, ତାଙ୍କର ଡାଟା ୨୮ଜିବି ହୋଇଯିବ। ସେହିପରି ୧୫୫ଟଙ୍କାର ପ୍ଲାନରେ ଅତିରିକ୍ତ ୩୦ଟଙ୍କା ଯୋଡ଼ିଲେ ୧୮୫ଟଙ୍କା ପ୍ଲାନ ଉପଲବ୍ଧ ହେବା ସହ ଗ୍ରାହକଙ୍କ ଡାଟା ସୀମା ଦୁଇଗୁଣିତ ହୋଇ ୫୬ଜିବି ହେବ। ରିଲାଏନ୍ସ ଜିଓକୁ ବାଦ୍ ଦେଇ ଅନ୍ୟ କମ୍ପାନୀମାନେ ନିଜ ନେଟୱର୍କ ମଧ୍ୟରେ କଲ୍ ପାଇଁ ସେମାନଙ୍କ ଟୁ-ଜି ଗ୍ରାହକମାନଙ୍କଠାରୁ ଦେୟ ନେଉଛନ୍ତି। ସେହିପରି ଅନ୍ୟ କମ୍ପାନୀ ନେଟୱର୍କରେ କଲ ପାଇଁ ମଧ୍ୟ ଗ୍ରାହକଙ୍କୁ ଦେୟ ଭରଣା କରିବାକୁ ପଡୁଛି। କିନ୍ତୁ ଜିଓରୁ ଜିଓକୁ କଲ୍ ପାଇଁ ରିଲାଏନ୍ସ ଜିଓ ସମ୍ପୂର୍ଣ୍ଣ ଦେୟମୁକ୍ତ ରଖିଛି। ଏଥିପାଇଁ ଗ୍ରାହକଙ୍କୁ କୌଣସି ଦେୟ ଦେବାକୁ ପଡୁନାହିଁ। ଜିଓ ଫୋନ୍ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଏହି ସମସ୍ତ ‘ଅଲ୍-ଇନ୍-ୱାନ’ ପ୍ଲାନରେ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀମାନଙ୍କ ତୁଳନାରେ ୨୫ଗୁଣ ଅଧିକ ଡାଟା ଉପଲବ୍ଧ କରାଯାଉଛି ବୋଲି ଜିଓ ପକ୍ଷରୁ କୁହାଯାଇଛି। ଜିଓ ଫୋନ୍ ପାଇଁ ପୂର୍ବରୁ ରହିଥିବା ସମସ୍ତ ପ୍ଲାନ୍ ଯଥାବତ୍ ଜାରି ରହିବ କମ୍ପାନୀ ପକ୍ଷରୁ କୁହାଯାଇଛି।

## ମଣିପାଲ ଏକାଡେମିରେ ବାୟୋଇନକ୍ୟୁବେଟର ସ୍ଥାପନ କରିବ କର୍ଣ୍ଣାଟକ ସରକାର

ଭୁବନେଶ୍ୱର: କର୍ଣ୍ଣାଟକ ସରକାର ମଣିପାଲ ଏକାଡେମିରେ ଏକ ସେଂଟର ଫର ବାୟୋଇନକୁବେଟର ସ୍ଥାପନ କରିବା ପାଇଁ ନିଷ୍ପତି ନେଇଛନ୍ତି। ଏହି ସେଂଟର ଆସନ୍ତା ୨୫ ତାରିଖରେ ଉପମୁଖ୍ୟମନ୍ତ୍ରୀ ତଥା ଉଚ୍ଚଶିକ୍ଷାମନ୍ତ୍ରୀ ଡଃ ଅଶ୍ୱଥ ନାରାୟଣ ଶୁଭାରମ୍ଭ କରିବେ। ଏହି ବାୟୋଇନକୁବେଟର ସେଂଟର ମଣିପାଲ ଏକାଡେମି ଓ କର୍ଣ୍ଣାଟକ ବାୟୋଟେକ୍ନୋଲୋଜି ଏଣ୍ଡ ଇନଫରମେସନ୍ ଟେକ୍ନୋଲୋଜି ସର୍ଭିସ୍‌ର ଯୁଗ୍ମ ଉଦ୍ୟୋଗରେ ସ୍ଥାପନ କରାଯିବ। ମଣିପାଲ ଏକାଡେମିର ପ୍ରୋ ଚାନସେଲର୍ ଡଃ ଏଚ.ଏସ. ବଲାଲ କହିଛନ୍ତି, ‘ଏହା ଆମର ଦ୍ୱିତୀୟ ଇନକୁବେଟର, ମଣିପାଲ ୟୁନିଭରସାଲ ଟେକ୍ନୋଲୋଜି ବିଜ୍‌ନେସ୍ ଇନକୁବେଟର ୨୦୧୦ ମସିହା ଠାରୁ ବର୍ତମାନ ସୁଦ୍ଧା ୩୦ ରୁ ଉର୍ଦ୍ଧ ଷ୍ଟାର୍ଟ-ଅପ୍ କୁ ସହାୟତା ପ୍ରଦାନ କରି ଆସୁଛି। ଏହି ଇନକୁବେଟର କେନ୍ଦ୍ରସରକାରଙ୍କ ଦ୍ୱାରା ଆର୍ଥିକ ସହାୟତାରେ ପରିଚାଳନା ହେଉଅଛି।’ ମଣିପାଲ ୟୁନିଭରସାଲ ଟେକ୍ନୋଲୋଜିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡଃ ଶ୍ରୀହରି ୱାଇ ଉପାଧ୍ୟାୟ ଏହି ଷ୍ଟାର୍ଟ-ଅପ୍ ମାନଙ୍କର ସଫଳତା ସମ୍ପର୍କରେ ସୁଚନା ପ୍ରଦାନ କରିଛନ୍ତି।



ବାଂଲାଦେଶ ଟେଷ୍ଟ ଅଧିନାୟକ ମୋମିନୁଲ ହକ୍ ପିଙ୍କ୍ ବଲରେ ଅଭ୍ୟାସ କରୁଛନ୍ତି

## କେବଳାନନ୍ଦ ପଟ୍ଟନାୟକଙ୍କ ସ୍ମୃତିରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର: ସମାଜସେବୀ କେବଳାନନ୍ଦ ପଟ୍ଟନାୟକ, ଛେଲ୍‌ଦା, ଯାଁଙ୍କ ସ୍ମୃତିରେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଓଗାଳପଡା ଉଚ୍ଚବାଳିକା ବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ୍ ମ୍ୟାଚରେ ପୀରବାବା କ୍ରିକେଟ କ୍ଲବ୍, କାଇପଦର ମଙ୍ଗେଶ୍ୱର କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚ୍‌ରେ ପୀରବାବା କ୍ରିକେଟ କ୍ଲବ୍ ବିଜୟଲାଭ କରିଥିଲା। ମୁଖ୍ୟ ଅତିଥି ଆଇନଜୀବୀ ଶ୍ରୀ ଦାତାରାମ ଅଶୋକ କୁମାର ମଙ୍ଗରାଜ ସମ୍ମାନୀତ ଅତିଥି ଶ୍ରୀ କିରିଟ ଚନ୍ଦ୍ର ସାମନ୍ତରାୟ ଓ ଶ୍ରୀ ବେଣୁଧର ପ୍ରଧାନ ଯୋଗଦେଇ ଖେଳାଳୀଙ୍କୁ ଟ୍ରଫି, କପ୍ ଓ ଅର୍ଥରାଶି ପ୍ରଦାନ କରିଥିଲେ। ଆୟୋଜକ ପ୍ରଭାତ ପଟ୍ଟନାୟକ, ନିତୀନ ପଟ୍ଟନାୟକ, ସ୍ୱାଗତ, ସୁଭମ୍, ରାଜା, ସୋନୁ ଓ ସ୍ଥାନୀୟ ଖେଳପ୍ରେମୀ ବନ୍ଧୁମାନେ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ରୋମ୍‌ର ଆନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ମେଘାଜ୍ ଡ଼ିଭୋର୍ସ ପ୍ରଦର୍ଶିତ



ଭୁବନେଶ୍ୱର: ବିଶିଷ୍ଟ ଫିଲ୍ମ ନିର୍ମାତା ଶ୍ରୀ ନୀଳମାଧବ ପଣ୍ଡା ରୋମ୍‌ର ଆନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ନିଜର ଫିଲ୍ମ ମେଘାଜ୍ ଡିଭୋର୍ସକୁ ପ୍ରଦର୍ଶନ କରିଛନ୍ତି। ଏହି ଫିଲ୍ମ ଫେଷ୍ଟିଭାଲ୍ ୨୨ ଅକ୍ଟୋବର ୨୦୧୯ରେ ଅଡ଼ିଟୋରିଅମ୍ ପାର୍କୋ ଡେଲା ମ୍ୟୁଜିକା, ସାଲା ପେଟ୍ରାସି, ରୋମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ଫେଷ୍ଟିଭାଲ୍‌ରେ ୧୧ଟି ଦେଶର ଫିଲ୍ମ ନିର୍ମାତାମାନେ ପାଣିପାଗ ପରିବର୍ତ୍ତନର ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଫିଲ୍ମ ପ୍ରଦର୍ଶନ କରିଥିଲେ। ନୀଳମାଧବ ପଣ୍ଡାଙ୍କ ମେଘାଜ୍ ଡିଭୋର୍ସରେ ମଧ୍ୟ ପାଣିପାଗରେ ପରିବର୍ତ୍ତନ ହେତୁ ମନୁଷ୍ୟ ସମାଜ ଓ ପ୍ରାକୃତିକ ପରିବେଶ ଉପରେ ପଡୁଥିବା ପ୍ରଭାବକୁ ଦର୍ଶାଯାଇଛି। ଏହି ଅବସରରେ ଶୀଯୁକ୍ତ ନୀଳମାଧବ ପଣ୍ଡା କହିଛନ୍ତି ଯେ, ‘ମୁଁ ରୋମ୍‌ର ଫିଲ୍ମ ଫେଷ୍ଟିଭାଲରେ ମେଘାଜ୍ ଡିଭୋର୍ସ ପ୍ରଦର୍ଶନ କରି ଖୁବ୍ ଆନନ୍ଦିତ। ଏହି ଫେଷ୍ଟିଭାଲ୍‌ର ଏକ ଅଂଶ ହୋଇ ମୁଁ ଅତ୍ୟନ୍ତ ଗର୍ବିତ। ୧୧ଟି ଦେଶ ପାଣିପାଗ ପରିବର୍ତ୍ତନର ପ୍ରଭାବ ବିଷୟରେ ସମୋନଙ୍କର ମତାମତ ପ୍ରଦର୍ଶନ କରିଛନ୍ତି। ମୁଁ ଆଶା କରୁଛି ଯେ, ଏହି ଫିଲ୍ମ ଉକ୍ତ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ନିମନ୍ତେ ଅବିଳମ୍ବେ ସଚେତନତା ସୃଷ୍ଟି କରିବ। ଆମେ ଏହି ଫିଲ୍ମକୁ ଅତି ଶୀଘ୍ର ଭାରତକୁ ଆଣିବୁ।’

# ୨୨ତମ ଏଣ୍ଟରପ୍ରାଇଜେସ୍ ଓଡିଶା ୨୦୧୯ ଉଦ୍‌ଯାପିତ



ଭୁବନେଶ୍ୱର(ପିଏନ) : ୧୩ରୁ ୧୬ନଭେମ୍ବର ମଧ୍ୟରେ ଚାଲିଥିବା ୨୨ତମ ଏନ୍ଟରପ୍ରାଇଜେସ୍ ଓଡିଶା ୨୦୧୯ କାର୍ଯ୍ୟକ୍ରମ ସଫଳତାର ସହ ସମାପିତ ହୋଇଯାଇଛି।

ଏହି ଅବସରରେ ଇଷ୍ଟନ ରିଜନ୍ ମାଇନିଂ ଆଣ୍ଡ ମେଟାଲସ୍ ସବ୍ କମିଟିର ଅଧ୍ୟକ୍ଷ ତଥା ନିଳାଚଳ ଇସ୍ପାତ ନିଗମ ଲିମିଟେଡର ଭାଇସ୍ ପ୍ରେସିଡେନ୍ଟ ଓ ମ୍ୟାନେଜିଂ ଡିରେକ୍ଟର ଶଶି ଶେଖର ମହାନ୍ତି କହିଲେ, ୨୨ତମ ଏନ୍ଟରପ୍ରାଇଜେସ୍ ଓଡିଶା ୨୦୧୯ ରାଜ୍ୟର ସର୍ବବୃହତ୍ ଏବଂ ସମସ୍ତ ସେକ୍ଟରର ପ୍ରଦର୍ଶନୀ ଖୁବ୍ ସଫଳତାର ସହ ସପନ୍ନ ହୋଇଛି। ଏହା ମାଧ୍ୟମରେ ରାଜ୍ୟର ବିଭିନ୍ନ ସେକ୍ଟର ଓ ଶିଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଶ୍ରୀ ମହାନ୍ତି ରାଜ୍ୟ ସରକାରଙ୍କ ଦ୍ୱାରା ରାଜ୍ୟରେ ନିଯୁକ୍ତି ସୃଷ୍ଟି ଶିଳ୍ପ ବିକାଶ ଏବଂ ମହିଳା ଉଦ୍ୟୋଗୀ ସୃଷ୍ଟି କରିବା ପାଇଁ ନିଆ ଯାଇଥିବା ବିଭିନ୍ନ ପଦକ୍ଷେପ ଓ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିବା ସହ ମହିଳା ଉଦ୍ୟୋଗୀମାନଙ୍କୁ ଭବିଷ୍ୟତରେ ସଫଳତା କାମନା କରିଥିଲେ। ସେ କହିଥିଲେ ଯେ, ରାଜ୍ୟ ଆଇଟି, ମାଇନିଂ, ଇଲେକ୍ଟ୍ରୋନିକସ୍, ଆଗ୍ରୋ ଫୁଡ୍ ପ୍ରୋସେସିଂ ଏବଂ ସର୍ଭିସ୍ ଆଦି କ୍ଷେତ୍ରରେ ଏକ ଇନ୍‌ଭେଷ୍ଟମେନ୍ଟ ହବ୍ ଭାବରେ ଅଗ୍ରଣୀ ସ୍ଥାନରେ ଅଛି।

ସମାପନ ଉତ୍ସବରେ ଅଂଶଗ୍ରହଣକାରୀ ସଂସ୍ଥାମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଲାର୍ଜ ସ୍କେଲ ଇଣ୍ଡଷ୍ଟ୍ରି କ୍ଷେତ୍ରରେ ବେଦାନ୍ତ ଆଲୁମିନା ବେଷ୍ଟ ଷ୍ଟଲ ପୁରସ୍କାର ପାଇଥିବା ବେଳେ ମିଡିୟମ୍ ଏବଂ ସ୍ମଲ ଇଣ୍ଡଷ୍ଟ୍ରି କ୍ଷେତ୍ରରେ ଆଗ୍ରିପାକ୍ ପ୍ରାଇଭେଟ୍ ଲିମିଟେଡ୍ ବେଷ୍ଟ ଷ୍ଟଲ ପୁରସ୍କାର ପାଇଥିଲେ। ମହିଳା ଉଦ୍ୟୋଗୀ କ୍ଷେତ୍ରରେ ମନମ ଫାଉଣ୍ଡେସନ୍ ବେଷ୍ଟ ସ୍ମଲ ପୁରସ୍କାର ପାଇଥିଲେ।

ସେହିପରି ସିଆଇଆଇ ୟଙ୍ଗ ଇଣ୍ଡିଆନ୍ସ(ୱାଇଆଇ) ପକ୍ଷରୁ ଯୁବ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବା ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା। ନୋଭୋଲ୍ୟୁସନ୍ସ ଫୁଡ ଆଣ୍ଡ ବେଭେରେଜେସ୍ ଷ୍ଟାର୍ଟଅପ୍ ଅଫ୍ ଦି ଇୟର ପୁରସ୍କାର ପାଇଥିବା ବେଳେ ଏଗ୍ରି ପ୍ୟାକ୍ ସୋସିଆଲ ଏନ୍ଟରପ୍ରାଇଜେସ୍ ଅଫ୍ ଦି ଇୟର ପୁରସ୍କାର ପାଇଥିଲେ। ସେହିପରି ଫେଲିସ୍ ଲିଓ ଭେନଚରସ୍ ଇନୋଭେଟଭ ଏନ୍ଟରପ୍ରାଇଜ୍ ଅଫ୍ ଦି ଇୟର ପୁରସ୍କାର ପାଇଥିବାବେଳେ ତାନିଆ ୱୋମେନ୍ ଏନ୍ଟରପ୍ରିନ୍ୟୁର୍ ଅଫ୍ ଦି ଇୟର ଓ ଦି ଲୋକାଲ ଷ୍ଟୁଡେନ୍ଟ ଏନ୍ଟରପ୍ରେନ୍ୟୁର୍ ଅଫ୍ ଦି ଇୟର୍ ପୁରସ୍କାର ପାଇଥିଲେ।

୨୨ତମ ଏନ୍ଟରପ୍ରାଇଜ୍ ଓଡିଶା ୨୦୧୯ କାର୍ଯ୍ୟକ୍ରମ ମଧ୍ୟରେ ଓଡିଶା ମାଇନିଂ ସୋ(ଓଏମ୍ଏସ୍)ର ଆୟୋଜନ କରାଯାଇଥିଲା ଏବଂ ୱାଇଆଇ ଇନୋଭେକ୍ସର ଆୟୋଜନ ମାଧ୍ୟମରେ ଯୁବ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା। ଯାହାଫଳରେ ସେମାନେ ନିଜ ନିଜର ପ୍ରତିଭା ପ୍ରଦର୍ଶିତ କରିଥିଲେ। ଆଗାମୀ ବର୍ଷ ଅଧିକରୁ ଅଧିକ ନୂତନ ଉଦ୍ୟମ ନେଇ ଆସିବାର ପ୍ରତିଶ୍ରୁତିରେ ଏହି ୨୨ତମ ଏନ୍ଟରପ୍ରାଇଜ୍ ଓଡିଶା କାର୍ଯ୍ୟକ୍ରମ ସମାପିତ ହୋଇଥିଲା।

## ଜମିବାଡି ବିବାଦରୁ କୋର୍ଟ ଚାଲାଣ

କୋରେଇ: କୋରାଇ ଥାନା ଅନ୍ତର୍ଗତ ମକୁନ୍ଦପୁର ଗ୍ରାମରେ ଜମିବାଡିକୁ କେନ୍ଦ୍ର କରି ପାରିବାରିକ ଗଣ୍ଡଗୋଳ ମାମଲାରେ ପୁଲିସ ଆଜି ଜଣକୁ କୋର୍ଟ ଚାଲାଣ କରିଛି। ମକୁନ୍ଦପୁର ଗ୍ରାମର ମଙ୍ଗୁଲୀ ସେଠୀଙ୍କ ସ୍ତ୍ରୀ ଉମାରାଣୀଙ୍କ ଅଭିଯୋଗ ମୁତାବକ ତାଙ୍କ ଦେଢଶୁର ଗଣେଶ୍ୱର ସେଠୀଙ୍କ ମଧ୍ୟରେ ପାରିବାରିକ ଦ୍ୱନ୍ଦ ଯୋଗୁ ପୃଥକ ଭାବେ ଚଳୁଥିଲେ। କିନ୍ତୁ ଗଣେଶ୍ୱର ବକେୟା ଅର୍ଥ ନଦେବା ସହ ଇଜମାଇଲ ଜାଗାରୁ ଜୋର ଜବରଦସ୍ତ ଗଛ କାଟିବାରୁ ତାର ପ୍ରତିବାଦ କରିଥିଲେ ଉମା।

# କନିଷ୍ଠ ଶିକ୍ଷକଙ୍କ ଦରମା ବୃଦ୍ଧି ଦାବି

ଭୁବନେଶ୍ୱର, (ପିଏନ) : ରାଜ୍ୟ ବି.ଏଡ୍ କନିଷ୍ଠ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱରଠାରେ ରାଜ୍ୟ ସଭାପତି ସରୋଜ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଜ୍ୟସଂଘ ତରଫରୁ କନିଷ୍ଠ ଶିକ୍ଷକମାନଙ୍କ ପ୍ରତି ସରକାରଙ୍କ ତରଫରୁ କରାଯାଉଥିବା ଅଣଦେଖା ବିଷୟରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା। ଓଡ଼ିଶା ସରକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଦିଗରେ ଅନେକ ପଦକ୍ଷେପ ନେଉଛନ୍ତି। ଯାହାକୁ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। କିନ୍ତୁ ସବୁଠାରୁ ବଡ଼ ଦୁଃଖ ବିଷୟ ହେଲା ଗୁଣାତ୍ମକ ଶିକ୍ଷା ଏବଂ ସଂସ୍କାର ଆବଶ୍ୟକ କରୁଥିବା ସରକାର ରାଜ୍ୟ ଶିକ୍ଷା ବ୍ୟବସ୍ଥାର ମୂଳ ମେରୁଦଣ୍ଡର ଶିକ୍ଷକମାନଙ୍କର ବିଭିନ୍ନ ଦାବିକୁ ଦୀର୍ଘଦିନ ଧରି ଅଣଦେଖା କରିଆସିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ସଂଘ ଅଭିଯୋଗ କରିଛି। ରାଜ୍ୟରେ କାର୍ଯ୍ୟରତ ବିଭିନ୍ନ ବର୍ଗର କନିଷ୍ଠ ଶିକ୍ଷକ ଓ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକମାନଙ୍କର ଦରମା ବୃଦ୍ଧି ବିଷୟରେ ସରକାର ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଛନ୍ତି। ରାଜ୍ୟରେ କାର୍ଯ୍ୟରତ ସମସ୍ତ ବର୍ଗର କର୍ମଚାରୀ, ଠିକା ଓ ଚୁକ୍ତି ଭିତ୍ତରେ ନିୟୋଜିତ କର୍ମଚାରୀଙ୍କ ସମେତ ଆଉଟ୍‌ସୋର୍ସିଂ ଭିତ୍ତିରେ ନିଯୁକ୍ତ କର୍ମଚାରୀମାନଙ୍କୁ ସପ୍ତମ ବେତନ କମିଶନ ସୁପାରିଶ ଆଧାରରେ ଦରମା ବୃଦ୍ଧି କରି ଖୁସି କରିଥିଲା ବେଳେ କ’ଣ ପାଇଁ ରାଜ୍ୟରେ କାର୍ଯ୍ୟରତ ୫୦ ହଜାରରୁ ଉର୍ଦ୍ଧ୍ୱ କନିଷ୍ଠ ଶିକ୍ଷକମାନଙ୍କୁ ଅଣଦେଖା କରୁଛନ୍ତି ତା’ର କାରଣ ବୁଝାପଡୁନାହିଁ। କେନ୍ଦ୍ର ସରକାର ଚଳିତବର୍ଷ ପି.ଏ.ବି ବଜେଟ୍ ସ୍ଥିର କରି ପ୍ରାଥମିକ ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୧୫ ହଜାର ଟଙ୍କା ଓ ଉଚ୍ଚ ପ୍ରାଥମିକ ଶିକ୍ଷକମାନଙ୍କ ପାଇଁ ୨୦ ହଜାର ଟଙ୍କା ଦରମା ପ୍ରଦାନ କରିବାକୁ ସ୍ଥିର କରି ରାଜ୍ୟ ସରକାରଙ୍କୁ ଜଣାଇଥିଲେ ମଧ୍ୟ ସରକାର କନିଷ୍ଠ ଶିକ୍ଷକମାନଙ୍କ ଦରମା ବୃଦ୍ଧି କରିବା ପରିବର୍ତ୍ତେ ନିଦାବିଷ୍ଟୁ ସାଜିଛନ୍ତି। ଏତଦ୍‌ବ୍ୟତୀତ ୯୨୩୦୦ ଚୁକ୍ତି ଭିତ୍ତିକ କନିଷ୍ଠ ଶିକ୍ଷକଙ୍କ ପାଇଁ କେନ୍ଦ୍ରଠାରୁ ଅନୁଦାନ ପାଉଥିଲା ବେଳେ ରାଜ୍ୟରେ କନିଷ୍ଠ ଶିକ୍ଷକଙ୍କ ସଂଖ୍ୟା ମାତ୍ର ୫୦ ହଜାର ଭିତରେ ସୀମିତ ରହିଛି। ତେଣୁ ଏ କ୍ଷେତ୍ରରେ ଦରମା ବୃଦ୍ଧିରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ରାଜ୍ୟର ସମସ୍ତ କନିଷ୍ଠ ଶିକ୍ଷକ ଅଭିଯୋଗ କରିଛନ୍ତି। ଏଥିନିମନ୍ତେ ସଂଘ ସରକାରଙ୍କୁ ଅନୁରୋଧ ଜଣାଇଛି। ସଂଘର ଏକମାତ୍ର ଦାବି ରହିଛି କନିଷ୍ଠ ଶିକ୍ଷକମାନଙ୍କର ଦରମା ୧.୧.୨୦୧୬ରିଖଠାରୁ କେନ୍ଦ୍ର ପ୍ରଦତ୍ତ ପି.ଏ.ବି. ଆଧାରରେ ପ୍ରଦାନ କରାଯିବା ସଙ୍ଗେସଙ୍ଗେ ୬ ବର୍ଷର ଠିକା ନିଯୁକ୍ତିକୁ ମୂଳ ଚାକିରୀରେ ଗଣନା କରାଯାଉ। ଏହି ଏକମାତ୍ର ଦାବିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସଂଘ ଅନୁରୋଧ କରିଛି। ଚଳିତ ବିଧାନସଭା ଅଧିବେଶନ ସମୟରେ ସରକାର ଏ ଦିଗରେ ବିଧିବଦ୍ଧ ଘୋଷଣା କରିବେ ବୋଲି ସଂଘ ଆଶାବାଦୀ ଅଛି। ଅନ୍ୟଥା କନିଷ୍ଠ ଶିକ୍ଷକମାନଙ୍କ ମଧ୍ୟରେ କୁହୁଳୁଥିବା ଅସନ୍ତୋଷ ଦାନାବାନ୍ଧି ପରବର୍ତ୍ତୀ ସମୟରେ ବାଧହୋଇ ଆନ୍ଦୋଳନର ରୂପ ନେବ ବୋଲି ସଂଘ ସରକାରଙ୍କୁ ଜଣାଇଛି। ଏହି ବୈଠକରେ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ରୂପେଶ କୁମାର ସାହୁ, ମହାସଚିବ ଅକ୍ଷୟ କୁମାର ପୃଷ୍ଟି, ଉପସଭାପତି ପଦ୍ମଲୋଚନ ଘଡ଼େଇ, ସାଙ୍ଗଠନିକ ସମ୍ପାଦକ ସୁଦୀପ୍ତ କୁମାର ପରିଡ଼ା, କୋଷାଧ୍ୟକ୍ଷ ମକର କେତନ ସାହୁ, କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ମହଲ, ଭୀମସେନ୍ ମହାରଣା ପ୍ରମୁଖ ଯୋଗଦେଇ ତୁରନ୍ତ ସରକାର କନିଷ୍ଠ ଶିକ୍ଷକମାନଙ୍କ ଦରମା ବୃଦ୍ଧି ଘୋଷଣା କରନ୍ତୁ ବୋଲି ଦୃଢ ଦାବି ଜଣାଇଛନ୍ତି।

# ସଂକୀର୍ତ୍ତନ କଳାକାର ମାଗୁଣୀ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା



ଭୁବନେଶ୍ୱର / ବାଲିଅନ୍ତା / ଫୁଲନଖରା,(ପିଏନ): କଟକ ସଦର ବ୍ଲକ ଆମଣ ଗ୍ରାମପଞ୍ଚାୟତ ଅଡାଳିଆ ଗ୍ରାମ ସଂକୀର୍ତ୍ତନ ମଣ୍ଡଳୀ ମହନ୍ତ ଓ କଳାକାର ସ୍ୱର୍ଗତ ମାଗୁଣୀ ସାହୁଙ୍କ ଚତୁର୍ଦ୍ଦଶ ମୃତ୍ୟୁ ଦିବସରେ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ଓଡ଼ିଶୀ ସଂକୀର୍ତ୍ତନ ସମାରୋହ ତାଙ୍କ ଗ୍ରାମରେ ଲକ୍ଷେଶ୍ୱର ଆଞ୍ଚଳିକ ଓଡ଼ିଶୀ ସଂକୀର୍ତ୍ତନ ମହାମଣ୍ଡଳୀ ମହନ୍ତ ନଳିନୀ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଗତକାଲି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧିକାରୀ ଚୈତନ୍ୟ ସାହୁ, ଉପଦେଷ୍ଟା ଲକ୍ଷ୍ମୀଧର ବେହେରା, ପବିତ୍ର ମୋହନ ସ୍ୱାଇଁ, ଜଗଦାନନ୍ଦ ରାଉତରାୟ, ନନ୍ଦକିଶୋର ସାହୁ, ବଳରାମ ସାହୁ, ମଧୁସୂଦନ ସାହୁ, ଜଟାଧାରୀ ବେହେରା ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ସାହୁଙ୍କ ଓଡ଼ିଶୀ ସଂକୀର୍ତ୍ତନ ପାଇଁ ଜୀବନବ୍ୟାପୀ ଉତ୍ସର୍ଗୀକୃତ ମନୋଭାବ ଓ ତ୍ୟାଗର ବର୍ଣ୍ଣନା କରିଥିଲେ। ଏହି ଅବସରରେ ନୟାହାଟ, ବର୍ମ୍ମକୁଦ, ଅଡାଳିଆ, ପାହାଳ, ଚାରିଘରିଆ, ଗୋହଳ, ଜୟପୁର, ଶାଳେଶ୍ୱର, ଅଟଳା, ସଂକୀର୍ତ୍ତନ ମଣ୍ଡଳୀ ତରଫରୁ ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ସ୍ୱର୍ଗତ ସାହୁଙ୍କ ପୁତ୍ର ଜିତେନ୍ଦ୍ର କୁମାର ସାହୁ, ସଂକୀର୍ତ୍ତନ କଳାକାର ଓ ମହନ୍ତ ମଣ୍ଡଳୀଙ୍କୁ ଫୁଲଚନ୍ଦନ ଓ ଉତ୍ତରୀୟ ପ୍ରଦାନ କରି ପ୍ରଣିପାତ ପୂର୍ବକ ସେମାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

# ଉପଭୋକ୍ତାଙ୍କ ପାଇଁ ଓପୋ ଯୋଗାଇବ ଆଣ୍ଡ୍ରଏଡ୍ ୧୦ କଲରଓଏସ୍, ଅପଗ୍ରେଡ ପାଇଁ ରେନୋ ପ୍ରଥମ

ଭୁବନେଶ୍ୱର : ବିଶ୍ୱର ଅଗ୍ରଣୀ ସ୍ମାର୍ଟଫୋନ ବ୍ରାଣ୍ଡ ଓପୋ ଆଣ୍ଡ୍ରଏଡ୍ ୧୦ ଆଧାରିତ କଲରଓଏସ୍ ର ସିମିତ ଟ୍ରାଏଲ ସଂସ୍କରଣ ଆରମ୍ଭ କରିଛି। ଏହାର ରେନୋ ହ୍ୟାଣ୍ଡସେଟକୁ ପ୍ରଥମ କରି ଅପଗ୍ରେଡ କରାଯିବ, ରେନୋ ୧୦ଏକ୍ସ ଜୁମ ଓ ରେନୋର ୨୦୧୯ ଶେଷ ସୁଦ୍ଧା ଅପଗ୍ରେଡ କରାଯିବ। ଏହି ପରୀକ୍ଷା ମୂଳକ ସଂସ୍କରଣ ଭାରତ, ଇଣ୍ଡୋନେସିଆ, ମାଲେସିଆ ଓ ଥାଇଲାଣ୍ଡ ରେ ଆରମ୍ଭ କରାଯିବ। ଏହା କେବଳ କିଛି ହଜାର ହ୍ୟାଣ୍ଡସେଟ ପାଇଁ ସିମିତ ରହିବ ଏବଂ ଅକ୍ଟୋବର ୨୫ ଠାରୁ ଚାଲୁ ହେବ। ଆଣ୍ଡ୍ରଏଡ୍ ୧୦ ବ୍ୟବହାର କରିବାରେ ଓପୋର କଲରଓଏସ୍ ପ୍ରଥମ। ନୂତନ କଲରଓଏସ୍ ୬ ମୂଳ ଆଣ୍ଡ୍ରଏଡ୍ ୧୦ ଯେଉଁଥିରେ ଓପୋ ଉପଭୋକ୍ତାଙ୍କ ପାଇଁ ଅନୁକୂଳିତ ବିଶେଷତ୍ୱ ରହିଛି। ଏଥିରେ ଦୃଶ୍ୟ ସମ୍ପର୍କ, ସୁରକ୍ଷା ଯେପରିକି ଇଶାରା ନେଭିଗେସନ ଏବଂ ଉନ୍ନତ ଗୋପନୀୟତା ସେଟିଂ ସନ୍ଦର୍ଭରେ ନୂଆ ଅନୁଭବ ମିଳିପାରିବ। ବ୍ରାଣ୍ଡ ନ୍ୟୁ ଡାର୍କ ଭିଜୁଆଲ ଓପୋର ସୀମାହୀନ ଡିଜାଇନ ଆଧାରରେ କଲରଓଏସ୍ ସଂସ୍କରଣ ଏକ ନୂତନ ଡାର୍କ ମୋଡ ପ୍ରସ୍ତୁତ କରିଛି ଯାହା ଉପଭୋକ୍ତା ଙ୍କ ଚକ୍ଷୁ ଓ ଫୋନ ବ୍ୟାଟେରୀ ପାଇଁ ଉପାଦେୟ ହୋଇପାରିବ। ଏହାର ୟୁଜର ଇଂଟରଫେସ୍ (ୟୁଆଇ) ସ୍ୱୟଂଚାଳିତ ଚମକ ଆପଣାଇ ହେବ। ଏହାଦ୍ୱାରା ସ୍ଥାନ ଓ ସମୟ ନିର୍ବିଶେଷରେ ବ୍ୟବହାର କରିହେବ। ଆରାମଦାୟକ ନାଭିଗେସନ୍ ପାଇଁ ନୂତନ ଫୁଲସ୍କ୍ରିନ ଜେଷ୍ଟର ପ୍ରଥମ କରି ଫୁଲସ୍କ୍ରିନ ହ୍ୟାଣ୍ଡସେଟ ଲଂଚ କରିବାରେ ଓପୋ ଅନ୍ୟତମ। ଆର ୧୫ ଶୃଙ୍ଖଳା ରୁପରେ ପ୍ରଥମ କରି ଫୁଲସ୍କ୍ରିନ ଜେଷ୍ଟର ଆରମ୍ଭ କରିଥିଲା। ଏହି ନୂଆ ଅପଡେଟ୍ ଉପଭୋକ୍ତା ମାନଙ୍କୁ ସ୍ମାର୍ଟଫୋନ ବର୍ଡର ଡିଜାଇନରେ ସବୁଠାରୁ ସହଜ ଓ ଉନ୍ନତ ବ୍ୟବହାର କରିବାରେ ସହାୟକ ହୋଇପାରୁଛି। କଲରଓଏସ୍ ସୁପର ସ୍ମୁଥ୍ ନାଭିଗେସନ୍ ପାଇଁ ତିନୋଟି ବିଶେଷତା ପ୍ରଦାନ କରିପାରୁଛି। ଉଦାହରଣ ସ୍ୱରୁପ, ସ୍କ୍ରିନର ବାମପଟରୁ ସ୍ୱାଇପ କରିଲେ ପୂର୍ବ ପୃଷ୍ଠାକୁ ଯାଇହେବ। ହ୍ୟାଣ୍ଡସେଟ ର ତଳପଟୁ ସ୍ୱାଇପ କଲେ ଏହା ହୋମ ସ୍କ୍ରିନକୁ ନେଇପାରିବ। ଫୋନର ତଳଆଡୁ ସ୍ୱାଇପ କଲେ ସମସ୍ତ ଖୋଲାଯାଇଥିବା ଆପ ଗୁଟିକ ଦୃଶ୍ୟମାନ ହୋଇପାରିବ। ଏହି ସମସ୍ତ ବିଶେଷତ୍ୱ ଦୈନନ୍ଦିନ ଫୋନକୁ ସରଳ ଓ ସହଜ ବନାଇପାରୁଛି। ଅଧିକ ସୁବିଧା ଓ ସୁରକ୍ଷା ଆଣ୍ଡ୍ରଏଡ୍ ୧୦ ଡିଜିଟାଲ ୱେଲବିଙ୍ଗ୍ ଦ୍ୱାରା ଉପଭୋକ୍ତା ମାନେ ଫୋନର ସଠିକ ବ୍ୟବହାର କରିପାରିବେ। ଏହି ସ୍ମାର୍ଟ କାର୍ଯ୍ୟକାରୀତା ଯୋଗୁଁ ଉପଭୋକ୍ତା ମାନେ ସେମାନଙ୍କ ବ୍ୟବହାର ସମ୍ବନ୍ଧରେ ସୁଚନା ପାଇପାରିବେ। ସେମାନେ ପ୍ରତ୍ୟେକ ଦିନ କିପରି ବିତାଉଛନ୍ତି ସୁଚନା ସହ ପ୍ରତ୍ୟେକ ଆପରେ ଟାଇମର ବ୍ୟବହାର କରି ଏହାର ଦୈନିକ ସୀମା ନିର୍ଦ୍ଧାରଣ କରିପାରିବେ। ଏଥିରେ ଥିବା ୱିଣ୍ଡ ବିଶେଷତ୍ୱ ଦ୍ୱାରା ଉପଭୋକ୍ତା ମାନେ ରାତ୍ରୀରେ ଶୟନ ସମୟ ନିର୍ଦ୍ଧାରଣ କରିବା ସହ ସ୍ୱିଚ୍ ଅଫ କରିବା ପାଇଁ ସୁଚନା ପାଇପାରିବେ। ଏହାଦ୍ୱାରା ସେମାନଙ୍କର ନିଦ୍ରା ସୁଖମୟ ହୋଇପାରିବ। ଓପୋ ର କଲରଓଏସ୍ କଲ ରେକର୍ଡ, ଆଡ୍ରେସ ବୁକ୍, ମେସେଜ, କ୍ୟାମେରା, ଭିଡିଓ ଇତ୍ୟାଦିର ଗୋପନୀୟତା ନିୟନ୍ତ୍ରଣ ଯୋଗାଇ ଦେଇପାରୁଛି। ଏହି ଓଏସ୍‌ରେ ଯେତେବେଳେ କୌଣସି ଆପ ଦ୍ୱାରା କଂଟାକ୍ଟ, କଲ ରେକର୍ଡ ଇତ୍ୟାଦି ଉପଯୋଗ କରିବାକୁ ଚେଷ୍ଟା କରିବ। ଏହା ଶୁନ୍ୟ ସୁଚନା ଦେଇ ସମ୍ବେଦନଶୀଳ ସୁଚନା ଲିକ ହେବାରୁ ପ୍ରତିରୋଧ କରିପାରିବ। ନୂତନ ସେଟିଂରେ ଉପଭୋକ୍ତା ମାନେ ସେମାନଙ୍କର ଗୋପନୀୟତା ନିୟନ୍ତ୍ରଣ କରିପାରିବେ। ଆଣ୍ଡ୍ରଏଡ୍ ୧୦ ବ୍ୟବହାରକାରୀ ମାନଙ୍କ ପାଇଁ ସ୍ଥାନ ସମ୍ବନ୍ଧରେ ସୁଚନା ନିୟନ୍ତ୍ରଣ ପାଇଁ ଫିଚର ପ୍ରଦାନ କରୁଅଛି। ଯଦି କୌଣସି ଆପ୍ ସ୍ଥାନ ସମ୍ବନ୍ଧରେ ସୁଚନା ଚାହିଥାଏ ସେତେବେଳେ ଉପଭୋକ୍ତା ମାନେ ଏହାକୁ ସର୍ବଦା ବ୍ୟବହାର ପାଇଁ ଅନୁମତି ଦେଇପାରିବେ ଅଥବା ବ୍ଲକ କରିପାରି ଏହି ସବୁ ନିୟନ୍ତ୍ରଣ କୁ ଉପଭୋକ୍ତା ନିଜ ମୁତାବକ ବଦଳାଇ ପାରିବେ। ଏହାକୁ ବ୍ୟବହାର କରିବା ପାଇଁ ପଦକ୍ଷେପ ମାନ ହେଲା।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray